## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ କମ୍ପ୍ୟୁଟର ଅପରେଟରଙ୍କ ମୃତ୍ୟୁ ସନ୍ଦେହ

**ବ୍ରହ୍ମପୁର ଅଫିସ,୫।୨:** ସରକାରୀ ରେଳବାଇ ପୋଲିସ ମଙ୍ଗଳବାର ସ୍ଥାନୀୟ ଖୋଡାସିଂ ନିକଟ ଏଲଆଇସି କାର୍ଯ୍ୟାଳୟ ରେଳଧରଣା କଡ଼ରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। କମ୍ପ୍ୟୁଟର ଅପରେଟର ଭୁବନେଶ୍ୱର ନାୟକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ରେଳବାଇ ପୋଲିସ ବୁଧବାର ଏଥିରେ କୌଣସି ସତ୍ୟତା ନ ଥିବା ନେଇ ସ୍ପଷ୍ଟ କରିଛି। ମୃତଦେହ ବ୍ୟବଚ୍ଛେଦ ପ୍ରାଥମିକ ରିପୋର୍ଟ ଅନୁସାରେ ଟ୍ରେନ ଧକ୍କାରେ ଭୁବନେଶ୍ୱରଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି ବୋଲି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଚୂଡାନ୍ତ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ମଧ ସେ କହିଛନ୍ତି। ମୃତ ଯୁବକ ଜଣଙ୍କ ଲଡୁ ଓରଫ ଭୁବନେଶ୍ୱର ନାୟକ (୨୭) ବୋଲି ପୋଲିସ ସ୍ପଷ୍ଟ କରିଛି। ଭୁବନେଶ୍ୱର ସ୍ଥାନୀୟ ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟର କମ୍ପ୍ୟୁଟର ଅପେରେଟର ଭାବେ କାମ କରୁଥିଲେ। ଖଲ୍ଲିକୋଟ କଲେଜ ଝମ୍ପିରାଣୀ ଛାତ୍ରାବାସରେ ଜଗୁଆଳି ଭାବେ କାମ କରି ସେଠାରେ ରହୁଥିବା ଗଣପତି ନାୟକ ଓ ତାଙ୍କ ସ୍ତ୍ରୀ ରମା ତାଙ୍କ ପୁଅର ମୃତଦେହ ରେଳଧରଣା କଡରେ ପଡିଥିବା ଖବର ପାଇ ପହଞ୍ଚିଥିଲେ। ସେଠାରେ ସେମାନେ ତାଙ୍କ ପୁଅର ମୃତଦେହ ଚିହ୍ନଟ କରିଥିଲେ।

### ସିଟି କଲେଜ ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ପାଠଚକ୍ର

**ବ୍ରହ୍ମପୁର ଅଫିସ, ୫।୨:** ଆମ୍ବପୁଆ ସ୍ଥିତ ବ୍ରହ୍ମପୁର ସିଟି କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପୁଷ୍ପାଞ୍ଜଳୀ ସାବତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଭାଗୀୟ ମୁଖ୍ୟ ସସ୍ମିତା ମିଶ୍ର ବିଷୟ ଜ୍ଞାନ ପ୍ରଦାନ ସହ ମଧୁବାବୁଙ୍କ ଜୀବନ ଶୈଳୀ ଓ ପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ର ସୌମ୍ୟରଞ୍ଜନ ସାହୁ ସନ୍ଦର୍ଭ ପାଠ କରିଥିଲେ। ଓଡ଼ିଆ ଭାଷା ଜ୍ଞାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଧାପିକା ଗୀତାଞ୍ଜଳି ପାଣିଗ୍ରାହୀଙ୍କ ସମେତ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ଅଧାପିକା ମମତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### କବି ରବି ସିଂଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର ଅଫିସ,୫।୨:** ମହେନ୍ଦ୍ର କଳା ସାହିତ୍ୟ ସଂସଦ ପକ୍ଷରୁ ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ବୁଧବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ସଂସଦ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦିକା ଉଷାରାଣୀ ମହାପାତ୍ର,ଡାକ୍ତର ଚନ୍ଦ୍ରମଣି ସ୍ୱାଇଁ ଓ ଶରତ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। କବି ସିଂଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ସ୍ମୃତି ଚାରଣ କରାଯାଇଥିଲା। ଜଣେ ନିର୍ଭୀକ ତଥା ସାଲିସ ବିହୀନ କବି ଭାବରେ ପରିଚିତି ଲାଭ କରିଥିବା ସିଂଙ୍କ ଚରମପତ୍ର ଓ ଜାରଜ ଆଦି କବିତା ଓଡିଆ ସାହିତ୍ୟର ଏକ କାଳଜୟୀ କୃତି ବୋଲି ବକ୍ତାମାନେ ଆଲୋକପାତ କରିଥିଲେ। ଉପସଭାପତି ଶ୍ରୀପଲ୍ଲବ 'ଚରମପତ୍ର ଘେନ ରବି ସିଂ' କବିତା ଆବୃତି କରିବା ସହ କବିଙ୍କର ଜୀବନଶୈଳୀ ଓ ଜୀବନାଦର୍ଶ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ କବୟିତ୍ରୀ କିରଣ ବାଳା ମିଶ୍ର, ପ୍ରମିତା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଉମାକାନ୍ତ ଦାସ, ରବୀନ୍ଦ୍ର କୁମାର ବେହେରାଙ୍କ ସମେତ ବହୁ କବୟିତ୍ରୀ କବି, ଲେଖକ ଉପସ୍ଥିତ ରହି ସ୍ୱର୍ଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଓଡିଆରପି କାର୍ଯ୍ୟ ସମୀକ୍ଷା କଲେ ବିଶ୍ୱ ବ୍ୟାଙ୍କ ଟିମ୍

**ବ୍ରହ୍ମପୁର ଅଫିସ,୫।୨**

- ରାସ୍ତା, ଡ୍ରେନ୍ ନିର୍ମାଣ ବିଳମ୍ବକୁ ନେଇ ଅଧିକାରୀଙ୍କ ଉପରେ ବର୍ଷିଲେ
- ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ତାଗିଦ୍

ଫାଇଲିନ ବାତ୍ୟାକୁ ବିତିଲାଣି ପ୍ରାୟ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ । ତଥାପି ବ୍ରହ୍ମପୁରରେ ଓଡିଶା ବିପର୍ଯ୍ୟୟ ଥଇଥାନ ପ୍ରକଳ୍ପ(ଓଡିଆରପି) ଅଧୀନରେ ଚାଲିଥିବା ରାସ୍ତା, ଡ୍ରେନ୍ ନିର୍ମାଣ କାର୍ଯ୍ୟ ସରୁନି। ଏହାକୁ ନେଇ ଓଡିଆରପି ପ୍ରକଳ୍ପ ଅଧୀନରେ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ବର୍ଷିଛନ୍ତି ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ । ଓଡିଆରପିରେ ଚାଲିଥିବା ରାସ୍ତା, ଡ୍ରେନ୍ କାର୍ଯ୍ୟର ସମୀକ୍ଷା ପାଇଁ ବୁଧବାର ବିଶ୍ୱ ବ୍ୟାଙ୍କର ୩ ଜଣିଆ ଟିମ୍ ବ୍ରହ୍ମପୁର ମହାନଗର ନିଗମରେ ପହଞ୍ଚିଥିଲେ। ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଦଳ ଓଡିଆରପି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ବେଳେ କାର୍ଯ୍ୟରେ ମନ୍ଥରତା ଓ ବିଳମ୍ବକୁ ନେଇ ପ୍ରତିନିଧି ଦଳ ଅଧିକାରୀଙ୍କ ଉପରେ ବର୍ଷିଥିଲେ । ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କଣ୍ଟ୍ରାକ୍ଟରର ଅବହେଳା ଯୋଗୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଥିବା ନେଇ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ସୂଚାଇଥିଲେ। ଏହାପରେ ପ୍ରତିନିଧି ଦଳ ଓଡିଆରପିରେ ନିମିତ ହେଉଥିବା ଡ୍ରେନ୍, ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ପଦକ୍ଷେପ ଗ୍ରହଣ କରିବା ନେଇ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସହ ଆଲୋଚନା କରିଥିଲେ। ଏଥିସହ ନିର୍ମାଣ ଚାଲିଥିବା ରାସ୍ତା, ଡ୍ରେନ୍ ସ୍ଥାନ ପରିଦର୍ଶନ କରିଥିଲେ।

କମିଶନରଙ୍କ ସୂଚନା ପ୍ରକାରେ, ଓଡିଆରପିରେ ବିଶ୍ୱବ୍ୟାଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରାୟ ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ସେଥିରୁ ବସ୍ତିଉନ୍ନୟନ ପାଇଁ ଦୁଇଦୁଇଥର ଟେଣ୍ଡର ପ୍ରକ୍ରିୟା ପରେ ମଧ୍ୟ କେହି ଏଥି ପାଇଁ ଆବେଦନ କରି ନ ଥିଲେ । ଫଳରେ ବସ୍ତି ଉନ୍ନୟନ ସମେତ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରାୟ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ୨୦୧୭ରେ ଫେରସ୍ତ କରାଯାଇଛି। ବଳକା ୯୦ କୋଟି ଟଙ୍କାରେ ସହରର ରାସ୍ତା, ଡ୍ରେନ୍ ନିର୍ମାଣ ଚାଲିଛି । ସେଥିମଧ୍ୟରୁ ରାସ୍ତା ପାଇଁ ୪୪ କୋଟି ଏବଂ ଡ୍ରେନ୍ ପାଇଁ ପ୍ରାୟ ୧୮ କୋଟି ଟଙ୍କାର କାମ କରାଯାଉଛି । ଇତିମଧ୍ୟରେ ବିଦ୍ୟୁତ୍‌ପୁରୀ କଲୋନୀର କାମ ଶେଷ ହୋଇଥିବା ବେଳେ କଲ୍‌ଭର୍ଟ କାମ ବାକି ରହିଛି । କିନ୍ତୁ ଗିରିଜା ଛକରୁ ରୁକ୍ମିଣି ହଲ ଦେଇ ସବରେଜିଷ୍ଟ୍ରାର ଛକରୁ ବାଣମାର୍କେଟ ପର୍ଯ୍ୟନ୍ତ ଏବଂ ଆମ୍ବମାର୍କେଟରୁ ସାପୁଆ ନାଳ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସେହିପରି ତ୍ରିବେଣୀନଗର, ଗଜପତି ପ୍ଲାଜା, ନିଳାଦ୍ରୀବିହାର ଦେଇ ବାହାନା ନାଳ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାମ ବାକି ରହିଛି । ସବରେଜିଷ୍ଟ୍ରାର ଅଫିସରୁ ବାଣମାର୍କେଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ଦିଆଯାଇଥିବା ସମ୍ପୃକ୍ତ ସଂସ୍ଥାର ବିଳମ୍ବ ଓ ଅବହେଳା ଯୋଗୁ ମନ୍ଥରତା ଦେଖାଦେଉଛି । ମାର୍ଚ୍ଚ ୩୧ ସୁଦ୍ଧା କାମ ଶେଷ ନ କଲେ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା କମିଶନର ସୂଚାଇଛନ୍ତି। ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳଙ୍କ ଗସ୍ତ ବେଳେ ଓଡିଆରପି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମନୋରଞ୍ଜନ ମାଳୀଙ୍କ ସହିତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।


ବିଏମ୍‌ସି କାର୍ଯ୍ୟାଳୟରେ ସମୀକ୍ଷା ପାଇଁ ଆସିଥିବା ବିଶ୍ୱବ୍ୟାଙ୍କ ଟିମ୍।

ସୂଚନାଯୋଗ୍ୟ, ଫାଇଲିନରେ କ୍ଷତିଗ୍ରସ୍ତ ହୋଇଥିବା ବ୍ରହ୍ମପୁର ସହରର ରାସ୍ତା, ଡ୍ରେନ୍ ନିର୍ମାଣ ଓ ପାନୀୟ ଜଳଯୋଗାଣ, ବସ୍ତି ଉନ୍ନତୀକରଣ ଭଳି ବିଭିନ୍ନ କାମ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଓଡିଆରପି ଯୋଜନାରେ ପ୍ରାୟ ୨୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଏହାର ଦୀର୍ଘ ବର୍ଷ ପରେ ମଧ ଏବେ ସୁଦ୍ଧା ମାତ୍ର ଜଳଯୋଗାଣ କାମ ଶେଷ ହେବାରେ ସଫଳ ହୋଇଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ମଧ ଅସନ୍ତୋଷ ଦେଖାଦେଇଛି । ଏଥିସହ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ଓଡିଆରପି ରାସ୍ତା, ଡ୍ରେନ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

## ରଶି ଲଗାଇ ସୁଇପରଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୫।୨**

ଟାଉନ ଥାନା ଅନ୍ତର୍ଗତ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରୟାଲ ଲଜରେ ଜଣେ ସୁଇପର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଆସ୍କାରୋଡ ଧାନମେରା ସାହିର ବୁଲୁ ବିଷୋୟୀ (୩୭)। ପୋଲିସ ବୁଧବାର ମୃତଦେହ ଜବତ କରି ନଂ.୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ବୁଲୁ ରୟାଲ ଲଜରେ ସୁଇପର ଭାବେ କାମ କରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ କାମକୁ ଆସିଥିଲେ। ଲଜର ବିଭିନ୍ନ ରୁମ୍ ସଫା କରି ସେ ରାତି ୧୦ଟା ସୁଦ୍ଧା ମ୍ୟାନେଜରଙ୍କ ନିକଟକୁ ଆସିବା କଥା। ବୁଲୁ କାମସାରି ମ୍ୟାନେଜରଙ୍କୁ ଖାଲି ପଡିଥିବା ରୁମ୍‌ଗୁଡିକର ଚାବି ଦେଇ ନ ଥିଲେ। ପରେ ମ୍ୟାନେଜର ହରିହର ସ୍ୱାଇଁ ଲଜର ୧୯ ନମ୍ବର ରୁମ୍ ନିକଟକୁ ଯାଇଥିଲେ। ଭିତରପଟେ ଗେଡା ଦିଆଯାଇଥିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେ ଏନେଇ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ରୁମ୍ କବାଟ ଭାଙ୍ଗିଥିଲା। ବୁଲୁ ରଶି ଲଗାଇ ଫ୍ୟାନରେ ଝୁଲୁଥିବା ପୋଲିସ ଦେଖିବାକୁ ପାଇଥିଲା। ରାତି ହୋଇଯାଇଥିବାରୁ ମୃତଦେହ ପଞ୍ଚନାମା କରିବା ସମ୍ଭବ ହୋଇ ନ ଥିଲା। ବୁଧବାର ପୋଲିସ ମୃତଦେହ ଜବତ କରି ସେଠାରେ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜିକୁ ପଠାଇଥିଲା। ବୁଲୁ ଋଣଗ୍ରସ୍ତ ଥିବାରୁ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଅନୁମାନ କରୁଛି। ସେପଟେ ଲଜ କର୍ତ୍ତୃପକ୍ଷଙ୍କ ଅତ୍ୟଧିକ ମାନସିକ ଚାପରୁ ବୁଲୁ ଆତ୍ମହତ୍ୟା କରିଥିଲେ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

## ବଜରଙ୍ଗଦଳ କର୍ମକର୍ତ୍ତାଙ୍କ ଗଞ୍ଜାମ, ଗଜପତି ଗସ୍ତ

**ବ୍ରହ୍ମପୁର ଅଫିସ,୫।୨**

ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ ମାନସ ରଞ୍ଜନ ମହାନ୍ତି ଓ ରାଜ୍ୟ ସହ ସଂଯୋଜକ ଅମ୍ବିକା ଦାସ, ଗଞ୍ଜାମ ବିଭାଗ ସଂଯୋଜକ ଗୌତମ ମହାରଣା ଗଞ୍ଜାମ ବିଭାଗ ଅଧୀନସ୍ତ ଗଞ୍ଜାମ, ଗଜପତି ଜିଲା ପରିଦର୍ଶନ କରିଛନ୍ତି । ଉଭୟ ଜିଲା ଗସ୍ତ କରି ସେମାନେ ସଂଗଠନର ରୂପରେଖ ଉପରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । ସଂଗଠନରେ ନୂତନ ଯୁବକଙ୍କୁ ଯୋଡିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ଏପ୍ରିଲରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ଗୋସୁରକ୍ଷା, ଧର୍ମାନ୍ତରୀକରଣ ରୋକିବା ସପକ୍ଷରେ ଜନସାଧାରଣଙ୍କୁ ଅବଗତ କରାଇବାକୁ କୁହାଯାଇଥିଲା । ଏହାପରେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟରେ ଜିଲା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦ ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ଦାସ, ସମ୍ପାଦକ ଅରୁଣ ପାଢ଼ୀ, ସହ ସମ୍ପାଦକ,ରାଜୀବ ଖାଡଙ୍ଗା, ଜିଲା ବଜରଙ୍ଗ ଦଳ ସୁରକ୍ଷା ପ୍ରମୁଖ କୃଷ୍ଣ ଚନ୍ଦ୍ର ଦାସ, ମହାନଗର ସଂଯୋଜକ ରାହୁଲ ପାତ୍ର,ମିହିର ଡାକୁଆ ଓ ବିନୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


ଉପସ୍ଥିତ ବଜରଙ୍ଗ ଦଳର କର୍ମକର୍ତ୍ତା ।

## ଜାତୀୟସ୍ତରରେ ବ୍ରହ୍ମପୁରର ତବଲା ବାଦକ ଦୀପ୍ତ ପୁରସ୍କୃତ

**ବ୍ରହ୍ମପୁର ଅଫିସ,୫।୨**

**ହାସଲ କଲେ ୪ ପଦକ, ଶ୍ରେଷ୍ଠ କଳାକାର ପୁରସ୍କାର**

ବୟସ ମାତ୍ର ୧୪ ବର୍ଷ । କିନ୍ତୁ ଏହି ବୟସରେ ତାଙ୍କର ତବଲା ବାଦନ ଆଗରେ ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି। ନିଜର ପ୍ରତିଭା ପ୍ରଦର୍ଶନ କରି ସେ ଜାତୀୟସ୍ତରରେ ପୁରସ୍କୃତ ହୋଇ ଗଞ୍ଜାମ ଜିଲା ପାଇଁ ଗୌରବ ଅଣିଛନ୍ତି । ସେ ହେଲେ ବ୍ରହ୍ମପୁର ଆମ୍ବପୁଆ ଅର୍ଚ୍ଚନା ବିହାରର ଦୀପ୍ତ ସୁନ୍ଦର ପାତ୍ର । ସ୍ଥାନୀୟ ରାମହରିନଗର ଶିଶୁ ମନ୍ଦିରରେ ନବମ ଶ୍ରେଣୀରେ ପଢୁଥିବା ଦୀପ୍ତ ଚଳିତ ବର୍ଷ ସ୍କୁଲ ପକ୍ଷରୁ ଏନ୍‌ସିସିରେ ଭାଗନେଇ ଦିଲ୍ଲୀସ୍ଥିତ ରିପବ୍ଲିକ ଡେ କ୍ୟାମ୍ପରେ ଭାଗ ନେବାପାଇଁ ମନୋନୀତ ହୋଇଥିଲେ। ଓଡ଼ିଶାର ୩୦ଜଣିଆ ଦଳ ମଧ୍ୟରେ ଗଞ୍ଜାମ ଜିଲାରୁ ଏକମାତ୍ର କୁନି ତବଲା ବାଦକ ଭାବେ ଭାଗନେଇ ପ୍ରଥମେ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଏୟାର ସ୍କ୍ୱାଡ୍ରନରେ ତାଲିମ ନେଇଥିଲେ । ଏହାପରେ ସାଂସ୍କୃତିକ ଦଳରେ ଦିଲ୍ଲୀ ଯାତ୍ରା କରିଥିଲେ। ଗତ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ଦଳ ପକ୍ଷରୁ ଭାଗନେଇ ଜୁନିୟର ବିଭାଗରେ ସାରା ଭାରତରେ ପ୍ରଥମସ୍ଥାନ ଅଧିକାର କରି ଗଞ୍ଜାମ ଜିଲା ଏବଂ ଓଡିଶା ପାଇଁ ଗୌରବ ହାସଲ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ତିନି ସେନା ମୁଖ୍ୟ, ପ୍ରତିରକ୍ଷା ମନ୍ତ୍ରୀଙ୍କ ସମ୍ମୁଖରେ ନିଜର କୁନି ହାତରେ ଚମତ୍କାର ତବଲା ବାଦନ କରି ଦୀପ୍ତ ଲାଇନ୍ ଏରିଆ ବିରଫ୍ରି, ରିପବ୍ଲିକ୍ ଡେ କ୍ୟାମ୍ପ, ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖ ରାଲିରେ ଶ୍ରେଷ୍ଠ ଜୁନିୟର ଡିଭିଜନରେ ପ୍ରଥମ ହେବା ସହ ଶ୍ରେଷ୍ଠ କଳାକାର ଭାବେ ସେ ସମୁଦାୟ ୪ ମେଡାଲ ଓ ସିଲ୍ ହାସଲ କରିଛନ୍ତି। ମଙ୍ଗଳବାର ଦୀପ୍ତ ବ୍ରହ୍ମପୁରରେ ପହଞ୍ଚିବା ପରେ ରେଳ ଷ୍ଟେଶନରେ ଶିଶୁ ମନ୍ଦିରର ସମସ୍ତ ଗୁରୁମାଗୁରୁଜୀଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାବିତ୍, ତାଙ୍କ ପରିବାରବର୍ଗ ଓ ସ୍କୁଲର ଶିକ୍ଷକମାନେ ତାଙ୍କୁ ଷ୍ଟେଶନ୍‌ରେ ଶୁଭେଚ୍ଛା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କ ସଫଳତା ପଛରେ ବାପା ଅଧାପକ ଦୀନବନ୍ଧୁ ପାତ୍ର, ମା' ଅସ୍ମିତା ପାତ୍ର, ଭଉଣୀ ଦୀପାଲି ପ୍ରିୟଦର୍ଶିନୀଙ୍କ ପ୍ରେରଣା ରହିଥିବା ସେ କହିଛନ୍ତି । ସୂଚନାଯୋଗ୍ୟ, ଏହା ପୂର୍ବରୁ ଦୀପ୍ତ ୨୦୧୩ରେ ରାଜ୍ୟସ୍ତରୀୟ କୁନି ତବଲା ବାଦକ ଚମ୍ପିୟନଶିପ୍‌ରେ ଭାଗନେଇ ଶ୍ରେଷ୍ଠ ବାଦକଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ପ୍ରାକ୍ତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କଠାରୁ ରାଜ୍ୟସ୍ତରରେ ପୁରସ୍କାର ହାସଲ କରିଥିଲେ ।


ପୁରସ୍କୃତ ହୋଇଥିବା ଦୀପ୍ତ ସୁନ୍ଦର ପାତ୍ର ।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୫।୨**

**ଜାତିଆଣ ମନ୍ତବ୍ୟ ସହ ଯୁବତୀଙ୍କୁ ଅସଦାଚରଣ ମାମଲା**

ଗଞ୍ଜାମ ଜିଲା ଦୌରା ଜଜ ରାମ ଶଙ୍କର ହୋତା ଜଣେ ଯୁବତୀଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ତାଙ୍କୁ ଅସଦାଚରଣ କରିଥିବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ବିଚାରପତି ଅଭିଯୁକ୍ତ ଜେ.ସନ୍ତୋଷଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ଏକ ଘରୋଇ ଗଣ୍ଡଗୋଳକୁ ନେଇ ପୂର୍ବରୁ କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ୨୦୧୮ ଜାନୁୟାରୀ ୧୮ରେ ଯୁବତୀ ଜଣଙ୍କ ବ୍ରହ୍ମପୁର ଆସିବା ପାଇଁ ଏକ ବସ୍‌ରେ ବସିଥିବା ବେଳେ ସନ୍ତୋଷ ସେଠାରେ ପହଞ୍ଚିଥିଲେ। ଯୁବତୀଙ୍କୁ ସେ ସେଠାରେ ଜାତିଆଣ ମନ୍ତବ୍ୟ ଦେବା ସହ ବସ୍ ଭିତରେ ଟଣାଓଟରା କରିଥିଲେ। ଏପରିକି ଜୀବନରେ ମାରିଦେବାକୁ ମଧ ଧମକ ଦେଇଥିଲେ। ପୀଡ଼ିତା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୧୩/୧୮ରେ ସନ୍ତୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ ତଦନ୍ତ କରି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। କିଛିଦିନ ପରେ ସନ୍ତୋଷ ସର୍ତ୍ତମୂଳକ ଜାମିନରେ ଛାଡ ପାଇଥିଲେ। ଏହି ମାମଲାର ଶୁଣାଣି ବେଳେ ଅଭିଯୁକ୍ତ ସନ୍ତୋଷଙ୍କୁ ଜିଲା ଜଜ କୋର୍ଟରେ ହାଜର କରାଯାଇଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ବିଚାରପତି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।


ବ୍ରହ୍ମପୁରରେ ବର୍ଷା ଯୋଗୁ ବୁଧବାର ଲୋଚାପଡା ମୁଖ୍ୟ ରାସ୍ତା ଉପରେ ନାଳ ପାଣି ଭାସୁଛି ।


ବର୍ଷାରେ ବୁଧବାର ବ୍ରହ୍ମପୁର ଗେଟ୍ ବଜାରର ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି ଜମି ରହିଛି । (ଫଟୋ-ସମୀର)

## ମା'ପୁଅଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା: ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୫।୨**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ପଣ୍ଡା କଲୋନୀରେ ରହୁଥିବା ମୀନାକ୍ଷୀ ମିଶ୍ର ଓ ତାଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ବୁଧବାର ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ବଡ଼ବଜାର ଥାନା ଅନ୍ତର୍ଗତ ରାଉତପେଟା ସାହିର ଆଶିଷ ମହାରଣା, ଗ୍ରାମଦେବତୀ ସାହିର ପିଣ୍ଟୁ ବେହେରା, ଲକ୍ଷ୍ମୀନୃସିଂହ ସାହିର ସୁନୀଲ ମହାରଣା ଓ ପ୍ରହଲ୍ଲାଦ ନଗରର କାଳିଆ ସାହୁ ବୋଲି ପୋଲିସ କହିଛି। ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ଜାମିନ ନାମଞ୍ଜୁର କରି ସେମାନଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି ବୋଲି ସରକାରୀ ଏପିପି ସୌଭାଗ୍ୟ ପଟ୍ଟନାୟକ କହିଛନ୍ତି। ପୂର୍ବରୁ ଗତ ୧ ତାରିଖରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ ନିକଟରେ ହାଜର କରିଥିଲା। ପରେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ଘଟଣାରୁ ପ୍ରକାଶ, ଗତ ୨୮ ତାରିଖ ଅପରାହ୍ନରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ଖଣ୍ଡାରେ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ତାଙ୍କ ଘର ସମ୍ମୁଖରେ ଖଣ୍ଡାରେ ହାଣିଥିଲେ। ଏହାର ପ୍ରତିବାଦ କରିବାରୁ ଅପରାଧୀମାନେ ମା' ମୀନାକ୍ଷୀ ମିଶ୍ରଙ୍କୁ ମଧ ଖଣ୍ଡାରେ ହାଣିଥିଲେ। ମିନାକ୍ଷୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୯/୨୦ରେ ଏକ ମାମଲା ରୁଜୁ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।

**ନିଯୁକ୍ତି ବିଜ୍ଞାପନ**
**ଓଡ଼ିଶା ଆଦିମ ଜନଜାତି (PVTG) ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ (OPELIP)ର ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା-ସୌରଭ, ବେଲଘର ତରଫରୁ ପ୍ରକଳ୍ପ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ହେଉଥିବା ନିମ୍ନଲିଖିତ ପଦବୀଗୁଡ଼ିକ ପୂରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।**

୧. ଗୋଷ୍ଠୀ ସେବା ପ୍ରଦାୟକ (CSP) / ଗ୍ରାମ୍ୟ କୃଷି କର୍ମୀ (VAW) ଖାଲିଥିବା ପଦବୀ ସଂଖ୍ୟା-୧
**ଶିକ୍ଷାଗତ ଯୋଗ୍ୟତା:** ଆଗ୍ରୋ ପଲିଟେକ୍‌ନିକ୍‌ରେ ଡିପ୍ଲୋମା ଏବଂ ଏଗ୍ରିକଲଚର୍ ସାଇନ୍ସ ଓ ହର୍ଟିକଲଚର୍ ସାଇନ୍ସରେ ବିଶେଷଜ୍ଞତା ଥିବ / ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଉଦ୍ୟାନ କୃଷି ଏବଂ ଫସଲ ଅମଳକୁ ସ୍ୱତନ୍ତ୍ର ବିଷୟ ଭାବେ ରଖି କୃଷିଭିତ୍ତିକ ଧନ୍ଦାମୂଳକ ଶିକ୍ଷା ପ୍ରାପ୍ତ କରିଥିବେ।
୨. ଗୋଷ୍ଠୀ ସେବା ପ୍ରଦାୟକ (CSP) / ପ୍ରାଣୀଧନ ନିରୀକ୍ଷକ/ ସହାୟକ (LI/LA) ଖାଲିଥିବା ପଦବୀ ସଂଖ୍ୟା-୧
**ଶିକ୍ଷାଗତ ଯୋଗ୍ୟତା:** ପ୍ରାଣୀଧନ ନିରୀକ୍ଷକ/ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଗୋମିତ୍ର ତାଲିମ୍‌ଧାରୀ/ ପ୍ରାଣୀଧନ ବିଜ୍ଞାନକୁ ସ୍ୱତନ୍ତ୍ର ବିଷୟ ରଖି ଆଗ୍ରୋ ପଲିଟେକ୍‌ନିକ୍‌ରେ ଡିପ୍ଲୋମା ହାସଲ କରିଥିବେ।
**ବୟସ ସୀମା:-** ଉପରୋକ୍ତ ୨ ଗୋଟି ପଦବୀ ନିମନ୍ତେ ଧାର୍ଯ୍ୟ ବୟସ ସୀମା ସର୍ବାଧିକ ୪୫ ବର୍ଷ ଆବଶ୍ୟକ ସ୍ଥଳରେ ସମ୍ପୃକ୍ତ ବିଷୟରେ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତିଙ୍କୁ ୫ ବର୍ଷ ବୟସ ସୀମା କୋହଳ କରାଯିବ।
**ସର୍ତ୍ତାବଳୀ:-**
✸ ପ୍ରାର୍ଥୀ ଗ୍ରାମାଞ୍ଚଳରେ ବହୁଳ ଭାବରେ ଯାତାୟାତ ଓ ଗମନାଗମନର କ୍ଷମତା ରଖିଥିବେ। ✸ ସମ୍ପୃକ୍ତ ବିଷୟରେ ଅଧିକ ପ୍ରାକ୍ ଅଭିଜ୍ଞତା ରହିଥିବା ଆବଶ୍ୟକ। ✸ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ ନ ମିଳିବା ସ୍ଥଳରେ ଆଦିମ ଜନଜାତି (କୁଟିଆ କନ୍ଧ) ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ଦକ୍ଷତାକୁ ବିଚାରକୁ ନିଆଯାଇପାରେ। ✸ ପଦବୀଗୁଡ଼ିକ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଏବଂ କାର୍ଯ୍ୟ ପ୍ରଦର୍ଶନ ଅନୁସାରେ ବାର୍ଷିକ ନବୀକରଣ କରାଯିବ। ✸ ଶିକ୍ଷାଗତ ଯୋଗ୍ୟତା ବୟସ ପ୍ରମାଣପତ୍ର ଓ ଜାତିଗତ ପ୍ରମାଣପତ୍ର ସହ ଦରଖାସ୍ତଗୁଡ଼ିକ ନିମ୍ନ ଠିକଣାରେ **୧୩।୦୨।୨୦୨୦** ତାରିଖ ମଧ୍ୟରେ ପହଞ୍ଚିବା ଆବଶ୍ୟକ। ✸ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।
**ଦରଖାସ୍ତ ପହଞ୍ଚିବାର ଠିକଣା:-**
**ସମ୍ପାଦକ, ସୌରଭ-କେକେଡିଏ. ଓପିଲିପି, କେକେଡିଏ କଲୋନୀ, ସା/ପୋ- ବେଲଘର, ତୁମୁଡିବନ୍ଧ, ଜିଲ୍ଲା-କନ୍ଧମାଳ**

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 13/ET/SBP/ENGG/2019-20, ତା: 30.01.2020

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.43-eT-SDENE-SBP-19
**କାର୍ଯ୍ୟର ନାମ :** ସମ୍ପୂର୍ଣ୍ଣ ପ୍ଲାଟଫର୍ମ ଲମ୍ବକୁ କଭର କରିବା ନିମନ୍ତେ ବଲାଙ୍ଗୀର (ପ୍ଲାଟଫର୍ମ ନଂ.1, ପ୍ଲାଟଫର୍ମ ନଂ.2 ଏବଂ 3) ଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹4,98,41,006.34, EMD(ଟଙ୍କାରେ):₹ 3,99,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 13-eT-BRIDGE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ସେକ୍ସନରେ ପ୍ଲେଟ ଗର୍ଡ୍ଡର ବ୍ରିଜ: ବ୍ରିଜ ନଂ.76, 26, 44A, 53, 53A, 58, 62, 67 (ସ୍ପାନ୍ 1 ରୁ 5), 69, 92, 116, 137 ଏବଂ 160 ରେ ସାଇଡ୍ ପାଥୱେର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,76,95,606.07, EMD(ଟଙ୍କାରେ):₹ 2,38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-BRIDGE-SBP-19
**କାର୍ଯ୍ୟର ନାମ :** ସିନିୟର ସେକ୍ସନ ଇଂଜିନିୟର/ ବ୍ରିଜ୍/ସମ୍ବଲପୁର ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.7UP, 438, 406 ଏବଂ 26 ରେ ଗ୍ୟାଙ୍ଗ୍ ପାଥ(Gang path)ର ପୁନଃସ୍ଥାପନ ସହିତ ଫଟା ରେଲ୍ ବିୟରର (Rail bearer) ଟପ୍ ଫ୍ଲେଞ୍ଜ ଆଙ୍ଗେଲ ଏବଂ ବ୍ରିଜ୍ ନଂ.293 DN, 331 DN ଏବଂ 406 ର ଅନ୍ୟ ଫଟା ମେମ୍ବରଗୁଡ଼ିକର ପୁନଃସ୍ଥାପନ, ବ୍ରିଜ୍ ନଂ.7 UP & DN, 293 UP & DN ଏବଂ ବ୍ରିଜ୍ ନଂ.406 ର କ୍ରସ୍ ଗର୍ଡ଼ରଗୁଡ଼ିକରେ କରୋଜନ ଗାର୍ଡ ଲଗାଇବା ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ, ବ୍ରିଜ୍ ନଂ.247 DN, 239 DN, 195 SL ଏବଂ ବ୍ରିଜ୍ ନଂ.363 DN, 347 ର ବେଡ୍ ବ୍ଲକ୍ (Bed block)ର ଢିଲା ରିଭେଟ୍ (Loose Rivets)ଗୁଡ଼ିକର ମରାମତି, ସେକେଣ୍ଡ ହ୍ୟାଣ୍ଡ ରିଲିଜ୍‌ଡ ରିଭେଟେଡ୍ ଗର୍ଡ୍ଡର (ରେଙ୍ଗାଲି ଷ୍ଟେସନଠାରେ ଉପଲବ୍ଧ 1X12.2m, PG, Drg. No.RDSO/BA-11073) ସହିତ କ୍ଷତିଗ୍ରସ୍ତ ୱେଲ୍ଡେଡ୍ ଗର୍ଡ଼ରଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ସମ୍ବଲପୁର ଷ୍ଟେସନଠାରେ ବ୍ରିଜ୍ ନଂ.67(L-1, 1X12.20m) ର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹67,51,259.75, EMD (ଟଙ୍କାରେ):₹ 1,35,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

4) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 37-eT-DENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟିଲଗଡ଼ ଷ୍ଟେସନଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର (2bay, 06 ସଂଖ୍ୟକ)ଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,37,73,242.30, EMD(ଟଙ୍କାରେ):₹ 2,68,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

5) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 38-eT-DENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ପଏଣ୍ଟ/ କ୍ରସିଙ୍ଗଗୁଡ଼ିକର ବିଫଳତା ଅବସରରେ ପଏଣ୍ଟ ଏବଂ ସିଗ୍ନାଲର ମ୍ୟାନିଙ୍ଗ୍ ସୁବିଧା ନିମନ୍ତେ ଆରଙ୍ଗ ମହାନଦୀ ଏବଂ ବେଲସୋଣ୍ଡା ଠାରେ କ୍ରଙ୍କ୍ରିଟ ପାଥୱେ ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,62,44,818.85, EMD(ଟଙ୍କାରେ):₹ 2,31,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.26.02.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
**ଦ୍ରଷ୍ଟବ୍ୟ :** ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-695/K/19-20

## ସଂକ୍ଷେପରେ

### ଟିଣ ବୋଝେଇ ଗାଡ଼ି ଧକ୍କାରେ ଯୁବକ ମୃତ

ଭଞ୍ଜନଗର,୫।୨(ଡି.ଏନ.ଏ)- ବେଲଗୁଣ୍ଠା ସହର ରଙ୍ଗଣିପାଟଣାର ବୁଲୁ ଜେନା ବୁଧବାର ସନ୍ଧ୍ୟାରେ ଏକ ଟିଣ ବୋଝେଇ ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ବେଲଗୁଣ୍ଠା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଇଛି। ପ୍ରକାଶ ଯେ, ବୁଲୁ କୋକଲୁଣ୍ଡାଠାରେ ଏକ ପ୍ଲାଣ୍ଟରେ କାମ କରୁଥିଲେ । ସେଠାକୁ କିଛି ଟିଣ ଏକ ପିକ୍ ଅପ୍ ଭ୍ୟାନରେ ସନ୍ଧ୍ୟାରେ ଆସିଥିଲା । ଟିଣ ଓହ୍ଲାଇବା ପାଇଁ ଗାଡ଼ିଟି ପଛକୁ ବ୍ୟାକ କରୁଥିବା ବେଳେ ବୁଲୁଙ୍କୁ ଧକ୍କା ଲାଗିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଏହାପରେ ତାଙ୍କୁ ବେଲଗୁଣ୍ଠା ମେଡ଼ିକାଲକୁ ଚିକିତ୍ସା ପାଇଁ ନିଆ ଯାଇଥିଲା। ସେଠାରେ ବୁଲୁଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ।

### ୮ରୁ ଡିଓ୍ୱାଇଏଫ୍‌ଆଇର ଦୁଇଦିନିଆ ରାଜ୍ୟ ସମ୍ମିଳନୀ

**ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.):** ଭାରତୀୟ ଗଣତାନ୍ତ୍ରିକ ଯୁବ ଫେଡେରେଶନ୍(ଡିଓ୍ୱାଇଏଫ୍‌ଆଇ) ପକ୍ଷରୁ ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରେ ଆସନ୍ତା ୮ ଓ ୯ ତାରିଖ ଦୁଇଦିନ ଧରି ୧୨ଶ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସମ୍ମିଳନୀରେ ମୁଖ୍ୟତଃ ନିଯୁକ୍ତି, ଆତ୍ମ ନିଯୁକ୍ତି ଋଣ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଦପ୍ତରରେ ରହିଥିବା ସମସ୍ତ ପଦବୀ ପୂରଣ, ସମସ୍ତଙ୍କୁ ମାଗଣା ଶିକ୍ଷା, ସରକାରୀ ସ୍ୱାସ୍ଥ୍ୟ ସେବା, ଗ୍ରାମାଞ୍ଚଳରେ ବେକାରଙ୍କୁ ୨ଶହ ଦିନର କାମ ସହ ଦୈନିକ ୭ଶହ ଟଙ୍କା ମଜୁରି ଦାବି ପ୍ରସଙ୍ଗ ରହିବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୫୦ରୁ ଉର୍ଦ୍ଧ୍ୱ ଯୁବ ପ୍ରତିନିଧି ଯୋଗଦେବେ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସମ୍ମିଳନୀକୁ ସଫଳ କରିବା ପାଇଁ ସଙ୍ଗଠନର ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସମାବେଶକୁ ସଫଳ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ମଧ ଗଠନ କରାଯାଇଥିବା ଜଣାପଡ଼ିଛି।

### ଜିଲାପାଳଙ୍କ କୃଷିଭିତ୍ତିକ ପ୍ରକଳ୍ପ ପରିଦର୍ଶନ

**ପାରଳାଖେମୁଣ୍ଡି,୫।୨(ସ୍ୱ.ପ୍ର.):** ଗଜପତି ଜିଲାପାଳ ଅନୁପମ ଶାହା ବୁଧବାର ଗୁମ୍ମା ବ୍ଲକ୍ ଅଧୀନ ସେରଙ୍ଗ ଗ୍ରାମ ଗସ୍ତରେ ଯାଇ ଜନ କଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଜନଜାତିମାନଙ୍କ ଉନ୍ନତି ପାଇଁ କରାଯାଇଥିବା ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଜନଜାତିମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାପାଇଁ ଏହା ଏକ ବହୁମୁଖୀ କୃଷିଭିତ୍ତିକ ପ୍ରକଳ୍ପ। ଜିଲାପାଳ ସେଠାକୁ ପରିଦର୍ଶନରେ ଯାଇ ବିଭିନ୍ନ ପରିବା ଚାଷ, କୁକୁଡ଼ା ପାଳନ ଏବଂ ଝରଣା ପାଣିକୁ କିପରି ଜଳସେଚନ କାର୍ଯ୍ୟରେ ବିନିଯୋଗ ହୋଇପାରୁଛି, ତାହାର ଅନୁଧ୍ୟାନ କରିଥିଲେ। ସେହିପରି ଜିଆଖତ ପ୍ରସ୍ତୁତ ୟୁନିଟ୍ ମଧ ବୁଲି ଦେଖିଥିଲେ। ଏପରି ପ୍ରକଳ୍ପ ଜନଜାତିଙ୍କ ଆର୍ଥିକ ମାନଦଣ୍ଡରେ ପରିବର୍ତ୍ତନ ଆଣିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ଗଞ୍ଜାମ କଂଗ୍ରେସର ବିରୋଧ

- ଓଇଆର୍‌ସି ଶୁଣାଣି ବନ୍ଦ ଦାବି
- ଦିଲ୍ଲୀ ଭଳି ରାଜ୍ୟରେ ୨ ଶହ ୟୁନିଟ ବିଦ୍ୟୁତ୍ ମାଗଣାରେ ଦିଆଯାଉ
- ସାଉଥ୍‌କୋର ସଂଯୋଗ ବିଚ୍ଛିନ୍ନ ଘୋଷଣାର ପ୍ରତିବାଦ

ବ୍ରହ୍ମପୁର ଅଫିସ,୫।୨

ବିଜୁଳି ଶୁଳ୍କ ବୃଦ୍ଧି ପାଇଁ ବିତରକ ସଂସ୍ଥାଗୁଡ଼ିକ ଜୋରସର ପ୍ରୟାସ ଚଳାଇଛନ୍ତି। ସେଥିପାଇଁ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଗତ ସୋମବାରରୁ ଶୁଣାଣି ଆରମ୍ଭ କରିଛନ୍ତି। ଏବେ ପ୍ରତି ୟୁନିଟ ପିଛା ଘରୋଇ ବ୍ୟବହାର ଲାଗି ୨ ଟଙ୍କା ୫୦ ପଇସା ଧାର୍ଯ୍ୟ କରି ସାଧାରଣ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଥିବା ବେଳେ ପୁଣି ଶୁଳ୍କ ବୃଦ୍ଧି ନ କରିବା ଲାଗି ଗଞ୍ଜାମ ଜିଲା କଂଗ୍ରେସ ଦାବି କରିଛି। ଓଇଆରସି ଶୁଣାଣି ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରକାର ଯଦି ପରିବଣ୍ଟନ ସଂସ୍ଥାଗୁଡ଼ିକୁ ସୁହାଇଲା ଭଳି ନିଷ୍ପତ୍ତି ନେଲେ ଏହାର ପ୍ରତିବାଦରେ ଉପଭୋକ୍ତାଙ୍କୁ ମେଳି କରି କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦିଲ୍ଲୀରେ ଆମ୍ ଆଦମୀ ପାର୍ଟି ସରକାର ଭଳି ରାଜ୍ୟ ବିଜେଡି ସରକାର ପ୍ରତି ମାସରେ ୨ ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଯୋଗାଇବାକୁ ଦାବି କରାଯାଇଛି।

ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପୀତବାସ ପଣ୍ଡା କହିଛନ୍ତି, ବିତରକ ସଂସ୍ଥାଗୁଡ଼ିକ ବିଦ୍ୟୁତ୍ ଦର ବଢ଼ାଇବା ନିମନ୍ତେ ଦୀର୍ଘଦିନରୁ ଚକ୍ରାନ୍ତ ଚଳାଇଛନ୍ତି। ଗତବର୍ଷ ଶୁଳ୍କ ବଢ଼ାଇବା ଲାଗି ବିଭିନ୍ନ ଭାବରେ ଉଦ୍ୟମ କରାଯାଇଥିଲା। କଂଗ୍ରେସ ସମେତ ବାମପନ୍ଥୀ ଦଳ ବିରୋଧ କରିବାରୁ ଏବଂ ୨୦୧୯ ନିର୍ବାଚନ ବର୍ଷ ଥିବାରୁ ସରକାର ରାଜି ହୋଇ ନ ଥିଲେ। ବିଧାସଭା ଓ ଲୋକ ସଭା ନିର୍ବାଚନ ସରିଥିବା ଏବଂ ପୌର ନିର୍ବାଚନ ସମ୍ଭାବନା ନ ଥିବାରୁ ଓଇଆରସି ଦ୍ୱାରା ଶୁଣାଣି ଚଳାଇଛନ୍ତି। ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଶୁଣାଣି ଚାଲିବାର କାର୍ଯ୍ୟକ୍ରମ ରଖାଯାଇଛି। ୟୁନିଟ ପିଛା ଆସନ୍ତା ଆର୍ଥିକ ବର୍ଷରୁ ୨୬ ପଇସା ବଢ଼ାଇବାକୁ ଓପିଜିସି (ଓଡ଼ିଶା ପାୱାର ଜେନରେଶନ କର୍ପୋରେଶନ) ପ୍ରସ୍ତାବ ଦେଇଥିବା ବେଳେ ଆଉ କେତେକ ସଂସ୍ଥା ପକ୍ଷରୁ ୟୁନିଟ ପ୍ରତି ୮୦ରୁ ଅଧିକ ପଇସା ବୃଦ୍ଧି ପାଇଁ ଦାବି ହେବାର ଆଭାଷ ମିଳିଛି।

ଓଇଆରସି ସରକାରୀ ସଂସ୍ଥା ହୋଇଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁଣାଣି ବନ୍ଦ ନିର୍ଦ୍ଦେଶ ଦେବାକୁ କାର୍ଯ୍ୟକାରୀ ସଭାପତି ପଣ୍ଡା ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଗଞ୍ଜାମ ସମେତ ଦକ୍ଷିଣାଞ୍ଚଳ ୮ ଜିଲାରେ ବିଜୁଳି ପରିବଣ୍ଟନ କରୁଛି ସାଉଥ-କୋ। ଏହାର କର୍ପୋରେଟ ଅଫିସ ବ୍ରହ୍ମପୁରରେ ଅଛି। ଦକ୍ଷିଣ ଓଡ଼ିଶାର ବୃହତ୍ତମ ସହର ରେଶମ ନଗରୀରେ ଘଡ଼ିକେ ଘଡ଼ି ବିଦ୍ୟୁତ ବିଭ୍ରାଟ ନିତିଦିନିଆ ହୋଇଛି। ପୁରୁଣା ଟ୍ରାନ୍ସଫର୍ମର ବଦଳା ଯାଉ ନ ଥିବା ଏବଂ ଶହ ଶହ କର୍ମଚାରୀ ପଦ ଖାଲିପଡ଼ିଥିବାରୁ ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁନଥିବା ବିଭ୍ରାଟର ମୂଳ କାରଣ ହୋଇଛି। ବିଲ୍ ଆଦାୟକୁ ଯେତିକି ଗୁରୁତ୍ୱ ଦିଆଯାଉଛି ଉପଭୋକ୍ତାଙ୍କୁ ସେବା ଯୋଗାଇବାର ସାଉଥ-କୋ ବିଫଳ ହୋଇଥିବା ସମାଲୋଚନା କରାଯାଇଛି। ଦକ୍ଷିଣାଞ୍ଚଳ ୮ ଜିଲାରେ ୧୩ ଶହ କୋଟିରୁ ଅଧିକ ଟଙ୍କା ବକେୟା ପଡ଼ିଥିବାରୁ ଆସନ୍ତା ୧୫ ତାରିଖ ସୁଦ୍ଧା ଉପଭୋକ୍ତାମାନେ ପୈଠ ନ କଲେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରିବାର ଘୋଷଣା କରାଯାଇଛି। ଏହାକୁ ମଧ ଗଞ୍ଜାମ କଂଗ୍ରେସ ତୀବ୍ର ବିରୋଧ କରିଛି। ଆଗକୁ ପିଲାଙ୍କ ପରୀକ୍ଷା ଥିବାରୁ ସାଉଥ-କୋ ନେଇଥିବା ନିଷ୍ପତ୍ତି କୋହଳ କରିବା ଏବଂ ଉପଭୋକ୍ତାଙ୍କୁ ଉପଯୁକ୍ତ ସେବା ଯୋଗାଇବାକୁ ଦାବି କରିଛନ୍ତି ପଣ୍ଡା।

# ମଧୁସୂଦନ ଦାସଙ୍କ ତିରୋଧାନ ଦିବସରେ ସ୍ମୃତିଚାରଣ ସଭା




ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଉଛି ।

ବ୍ରହ୍ମପୁର ଅଫିସ, ୫।୨

ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାତା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗାନ୍ଧୀନଗର ଛକରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜଲା ଶାଖା ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା । ସମ୍ମିଳନୀ ସଭାପତି ମନ୍ମଥ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଡ.ସୁବ୍ରତ କୁମାର ସାହୁ, ଉପସଭାପତି ଡାକ୍ତର ନକୁଳ ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍କଳ ପ୍ରଦେଶ ଗଠନରେ ମଧୁବାବୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ତାଙ୍କ ଜୀବନାଦର୍ଶ ଉପରେ ସଭାପତି ଆଲୋକପାତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ମହାପାତ୍ର, ଡା. ସାଗର ରଞ୍ଜନ ତ୍ରିପାଠୀ, ନବୀନ କୁମାର ପଟ୍ଟନାୟକ, ରାସବିହାରୀ ଦାସ, ନରହରି ପ୍ରଧାନ ଓ କୁଶ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ସମ୍ମିଳନୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଅନ୍ୟମାନଙ୍କ ମଧରେ କିଶୋର ଚନ୍ଦ୍ର ଜେନା, ନରସିଂହ ପାଢ଼ୀ, ରାଜ କିଶୋର ସ୍ୱାଇଁ, କାମାକ୍ଷୀ ପ୍ରସାଦ ପତି, ସ୍ୱର୍ଣ୍ଣପ୍ରଭା ପାଢୀ ଓ ଅନନ୍ତରାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପେଣ୍ଟରଙ୍କୁ ବିଜ୍ଞାପନ କାର୍ଯ୍ୟ ପ୍ରଦାନ ଦାବି

## କମିଶନରଙ୍କୁ ପେଣ୍ଟର୍ସ ଆସୋସିଏଶନର ଦାବିପତ୍ର

ବ୍ରହ୍ମପୁର ଅଫିସ,୫।୨

ରାଜ୍ୟ ଓ ଜିଲାରେ ରହିଥିବା ପେଣ୍ଟରଙ୍କୁ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ପକ୍ଷରୁ କରାଯାଉଥିବା ବିଜ୍ଞାପନ କାର୍ଯ୍ୟ ସିଧାସଳଖ ପ୍ରଦାନ କରିବାକୁ ଦାବି ହୋଇଛି । ଅଲ ଓଡିଶା ପେଣ୍ଟିଂ, ଆର୍ଟିଷ୍ଟ, ଆଡ୍‌ଭର୍ଟାଇଜମେଣ୍ଟ ୱାର୍କର୍ସ ଆସୋସିଏଶନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବୁଧବାର ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି । ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଜ୍ଞପନ ପେଣ୍ଟିଂ ପାଇଁ ଟେଣ୍ଡର ଜରିଆରେ କଣ୍ଟ୍ରାକ୍ଟରକୁ ପ୍ରଦାନ କରାଯାଉଛି। ଯାହାଦ୍ୱାରା କଣ୍ଟ୍ରାକ୍ଟରମାନେ ସ୍ୱଳ୍ପ ଦେୟରେ ପେଣ୍ଟରମାନଙ୍କ ଦ୍ୱାରା କାର୍ଯ୍ୟ ହାସଲ କରୁଛନ୍ତି। ଫଳରେ ଚିତ୍ରକର ତଥା ପେଣ୍ଟିଂ କାର୍ଯ୍ୟକୁ ଜୀବନ ଜୀବିକା ଭାବେ ଗ୍ରହଣ କରିଥିବା ଶିଳ୍ପୀମାନଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡିଛି । ଏହା ବ୍ୟତୀତ ଅଦ୍ୟାବଧି ସରକାରଙ୍କ ଶ୍ରମିକ ତାଲିକାରେ ପେଣ୍ଟରଙ୍କ ନାମ ନ ଥିବା ବେଳେ, ଶ୍ରମ ଆଇନକୁ ପେଣ୍ଟରଙ୍କ ପ୍ରତି ଲାଗୁ କରାଯାଇ ନାହିଁ ।



ଦାବିପତ୍ର ପ୍ରଦାନ ଅବସରରେ ବିଏମ୍‌ସି କାର୍ଯ୍ୟାଳୟ ଆଗରେ ସଂଘ କର୍ମକର୍ତ୍ତା ।

ଯାହା ଦ୍ୱାରା ପେଣ୍ଟରମାନେ ଅଧିକରୁ ଅଧିକ ଶୋଷଣର ଶିକାର ହେଉଥିବା ନେଇ ମଧ ଦାବିପତ୍ରରେ ଦର୍ଶାଯାଇଛି । ତେଣୁ ଏଥିପ୍ରତି ଗୁରୁତ୍ୱ ଦେଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରଦାନ କରାଯାଉଥିବା ବିଜ୍ଞାପନ ନିର୍ମାଣ ସମ୍ପର୍କୀତ ଟେଣ୍ଡରକୁ କଣ୍ଟ୍ରାକ୍ଟରଙ୍କ ବଦଳରେ ସିଧାସଳଖ ଚିତ୍ରକର ତଥା ପେଣ୍ଟିଂ ଆସୋସିଏଶନକୁ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ବେଳେ ଜିଲା ସମ୍ପାଦକ ସୁଧୀର ମହାରଣାଙ୍କ ସମେତ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର, ଜିଲା ସଭାପତି ଦିଗାମ୍ବର ଜେନା, ଜିଲା ଉପସଭାପତି ରବୀନ୍ଦ୍ର ମାଝି, ଜିଲା କମିଟି ସଦସ୍ୟ ଦିଲ୍ଲୀପ ମହାରଣାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ପ୍ରିୟଙ୍କା ଝିଅଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବେ ରାଜ୍ୟ ସରକାର

ଭୁବନେଶ୍ୱର,୫।୨(ବ୍ୟୁରୋ)

ପ୍ରିୟଙ୍କାରାଣୀ ପାତ୍ର ମୃତ୍ୟୁ ପରେ ଆଜି ଅମର ହୋଇଯାଇଛନ୍ତି। ତାଙ୍କର ବୃକ୍କ(କିଡ୍‌ନୀ) ଆଜି ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ପାରିଛି। ପ୍ରିୟଙ୍କାଙ୍କ ପରିବାରର ଏହି ତ୍ୟାଗକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ପରିବାର ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେହିପରି

## ସୂରଜ ଯୋଜନାରେ ସମ୍ମାନିତ ହେବେ ପରିବାର

ପ୍ରିୟଙ୍କାଙ୍କ ପରିବାରକୁ ସୂରଜ ଯୋଜନା ଅଧୀନରେ ସମ୍ମାନିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଏନେଇ ବୁଧବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ଏହାଛଡ଼ା ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସ୍ୱର୍ଗତା ପ୍ରିୟଙ୍କାଙ୍କ କନ୍ୟାର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରାଯାଇଛି। ସେହିପରି ଏସ୍‌ସିବିରେ ହୋଇଥିବା ସଫଳ ଅସ୍ତ୍ରୋପଚାର ପାଇଁ ମୁଖ୍ୟମନ୍ତ୍ରୀ ପୁନର୍ବାର ସମସ୍ତ ଡାକ୍ତର ଏବଂ ସହଯୋଗୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର

## ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା ସନ୍ଦେହ

ବ୍ରହ୍ମପୁର ଅଫିସ,୫।୨

ଗଞ୍ଜାମ ଜିଲା ପୋଲସରା ଥାନା ମନ୍ଦାର ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ ଘର ଭିତରେ ଜଣେ ବିଧବା ବୃଦ୍ଧାଙ୍କ ଗଳିତ ମୃତଦେହକୁ ପୋଲସରା ପୋଲିସ ବୁଧବାର ଉଦ୍ଧାର କରିଛି। ବୃଦ୍ଧା ଜଣକ ହେଲେ ଶଶୀ ଜେନା (୬୦)। ପୋଲିସ ମୃତଦେହ ଜବତ କରି ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପଟେ ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ, ଗହଣା ଲୁଟ କରିବାକୁ ଆସି କେହି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି କିମ୍ବା ଘଟଣା ପଛରେ ଅନ୍ୟ କୌଣସି ରହସ୍ୟ ରହିଛି ତାହା ସ୍ପଷ୍ଟ ହେବ ବୋଲି କହିଛି। ପ୍ରକାଶଯେ, ମନ୍ଦାର ଗ୍ରାମର କେତେକ ବ୍ୟକ୍ତି ଘଟଣା ସମ୍ପର୍କରେ ପୋଲିସକୁ ଫୋନ କରିବା ପରେ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଏସ୍‌ଆଇ କେଶବ ଷଡ଼ଙ୍ଗୀ, ଏଏସ୍‌ଆଇ ପୁରୁଷୋତ୍ତମ ମାଝି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାକ୍ରମକୁ ନେଇ ମୃତ ମହିଳା ଶଶୀଙ୍କ ଦିଅର ଗାନ୍ଧୀ ଜେନା ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ସରପଞ୍ଚ କାଳୀ ଚରଣ ନାୟକଙ୍କ ସହ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଶଶୀ ଟଙ୍କା ଉଠାଇବା ଲାଗି ସୋମବାର ବାଲିପଦର ଯାଇଥିଲେ। ସେ ଟଙ୍କା ଆଣିଥିବା ନେଇ ଚର୍ଚ୍ଚା ହେଉଥିଲା। ବାଲିପଦରରୁ ଅପରାହ୍ନରେ ଫେରିବା ପରଠାରୁ ଶଶୀ ଘର ଭିତରେ ଥିଲେ। ମଙ୍ଗଳବାର ତାଙ୍କୁ କେହି ପଡ଼ୋଶୀ ଦେଖି ନ ଥିଲେ। ବୁଧବାର ମଧ କବାଟ ଖୋଲା ହୋଇ ନ ଥିଲା କିମ୍ବା ଦାଣ୍ଡ ଝାଡୁମରା ହୋଇନି ଭାବି ପଡ଼ୋଶୀ ଓ କେତେକ ବ୍ୟକ୍ତି ଦେଖିବା ଲାଗି ଗଲା ବେଳକୁ କବାଟ ସାମାନ୍ୟ ବନ୍ଦ ହୋଇ ରହିଥିଲା । ଭିତରୁ ଦୁର୍ଗନ୍ଧ ବାହାରୁଥିଲା। ପରେ ଏହି ଘଟଣା ଚାରିଆଡ଼େ ପ୍ରଚାରିତ ହୋଇଥିଲା। ମହିଳା ଲଗାଇଥିବା ସୁନା ଚୁଡ଼ି ନ ଥିବା ବେଳେ ବାମପଟ କଡ଼େଇ ହୋଇ ମୁହଁ ମାଡ଼ି ପ୍ରାୟ ଉଲଗ୍ନ ସହ ଘରସାରା ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗୋଟିଏ କାନ ଅଳଙ୍କାର ତଳେ ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଥିଲେ। କେତେଜଣ ଦୁର୍ବୃତ୍ତ ଲୁଟ କରିବାକୁ ଆସି ଏହି ଘଟଣା ଘଟାଇଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଘର ଭିତରେ ଗ୍ୟାସ୍ ସିଲିଣ୍ଡର ନ ଥିବାରୁ ଚୋରି କରିବାକୁ ଆସି କେହି ଏହି ହତ୍ୟାକାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କୁହନ୍ତି, ଏହା ହତ୍ୟା କିମ୍ବା ପଛରେ ଅନ୍ୟ କ'ଣ କାରଣ ଥାଇପାରେ ମୃତଦେହ ବ୍ୟବଚ୍ଛେଦ ପରେ ହିଁ ସ୍ପଷ୍ଟ ଜଣାପଡ଼ିବ।

# ମଣ୍ଡି ଖୋଲୁ ନ ଥିବାରୁ ବିଡିଓଙ୍କୁ ଅଭିଯୋଗ

ବୁଗୁଡ଼ା,୫।୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଖୋଲଖାଲିରେ ଧାନ ମଣ୍ଡି ଖୋଲା ନ ଯିବା ସହ ଚାଷୀମାନଙ୍କୁ ଟୋକନ ନ ମିଳିବା ଫଳରେ ପଡ଼ି ରହିଥିବା ଧାନ ବିକ୍ରି କରିପାରୁ ନ ଥିବା ନେଇ ସ୍ଥାନୀୟ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥି ସହ ରାଜ୍ୟ ଯୋଗାଣ ମନ୍ତ୍ରୀ ଓ ଜିଲାପାଳଙ୍କୁ ମଧ ଏ ସମ୍ପର୍କରେ ଜଣାଇଛନ୍ତି। ଚାଷୀମାନଙ୍କର ଅଭିଯୋଗ ହେଲା, ସେମାନଙ୍କର ପ୍ରାୟ ଦେଢ଼ ମାସ ହେଲା ଧାନ ଅମଳ ହୋଇ ରହିଛି। ଜାନୁୟାରୀ ପହିଲାରୁ ଖୋଲଖାଲି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ଖାତାରେ ସେମାନେ ଦସ୍ତଖତ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ଟୋକନ ବାହାରୁ ନ ଥିବା ଯୋଗୁ ଧାନ ବିକ୍ରି କରି ନ ପାରି ଅସୁବିଧାରେ ପଡ଼ିଛନ୍ତି। ଅନ୍ୟପଟେ ସେବା ସମିତି କାର୍ଯ୍ୟାଳୟ ମଣ୍ଡି ଖୋଲାଯାଉ ନ ଥିବା ଯୋଗୁ ଚାଷୀମାନେ ବାଧ୍ୟହୋଇ ଶାଗ ମାଛ ଦରରେ ଧାନ ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି। ମିଲର ଉଠାଉଥିବା ଧାନ କିଭଳି ପଞ୍ଜୀକୃତ ହେଉଛି ତାହା ମଧ ସେମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସମବାୟ ବ୍ୟାଙ୍କ ଏଟିଏମ୍ କାର୍ଡ ମଧ ଚାଷୀମାନଙ୍କୁ ଦିଆଯାଇନାହିଁ। ତେଣୁ ଏହାର ତଦନ୍ତ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଯଦି ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ତନ୍ମୟ ପାତ୍ରଙ୍କୁ ପଚାରିବାରେ ସେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ୩୪ ଜଣ ଚାଷୀଙ୍କ ଧାନ ତୁରନ୍ତ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।

# ବେପରୁଆ ଗାଡ଼ି ଚାଳନା ବଢୁଛି

## ଘଟୁଛି ଦୁର୍ଘଟଣା, ପୋଲିସ ନୀରବଦ୍ରଷ୍ଟା

ବ୍ରହ୍ମପୁର ଅଫିସ,୫।୨

ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଜାଇକାର ଜଳ ଯୋଗାଣ ପାଇଁ ରାସ୍ତା ଖୋଳା କାମ ଚାଲିଛି। ଅନ୍ୟପଟେ ମହାନଗର ନିଗମ ପକ୍ଷରୁ ନାଳକାମ ଚାଲିଛି। ଗୋଟିଏ ପଟେ ରାସ୍ତା ସଙ୍କୁଚିତ ଥିବା ବେଳେ ଅନ୍ୟପଟେ ବେପରୁଆ ଗାଡି ଚାଳନା ଯୋଗୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଗେଟବଜାର ଛକରୁ ଫାଷ୍ଟଗେଟ ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ଜାମ ହେଉଛି। ଏହା ସତ୍ତ୍ୱେ ବିଭିନ୍ନ ଟ୍ରକ, ବସ୍ ଓ ବାଇକ୍ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟିଥାଏ। କର୍ପୋରେଶନ ରୋଡ ଛକରେ ଅଧିକାଂଶ ସମୟରେ ଯାତ୍ରୀବାହୀ ବସ୍ ଚାଉଳ, ତେଲ ଓ ଅନ୍ୟାନ୍ୟ ସାମଗ୍ରୀ ନେବା ପାଇଁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାର୍କିଂ କରି ରହୁଥିବାରୁ ଅସ୍ୱାଭାବିକ ଅବସ୍ଥା ସୃଷ୍ଟି ହୋଇଥାଏ। ସେହିପରି ଅନ୍ଧପସରା ରୋଡ ପ୍ରଶସ୍ତୀକରଣ କାମ ଦୀର୍ଘଦିନ ଧରି ଚାଲିଥିବା ବେଳେ ସେଠାରେ ମଧ ପ୍ରତିଦିନ ଦୁର୍ଘଟଣା ଘଟୁଛି। ବିଶେଷକରି ଆମ୍ବ ମାର୍କେଟରୁ ପଥରଘର, ରାଧାକାନ୍ତ ସାହି, ମୁର୍ଦ୍ଦିଙ୍ଗିଆ ସାହି ହରିଡାଖଣ୍ଡି ଛକ ଦେଇ ପ୍ରତିଦିନ ଉଭୟପଟୁ ଶହଶହ ଟ୍ରକ, ବସ୍ ଓ ବିଭିନ୍ନ ଗାଡି ଚଳାଚଳ ହେଉଛି। ନିକଟରେ ଉକ୍ତ ରାସ୍ତାରେ ଏକ ଟ୍ରକ୍ ଧକ୍କାରେ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସହରର କମାପଲ୍ଲୀ-ଟାଟାବେଞ୍ଚ ଛକ, ଖଲ୍ଲିକୋଟ କଲେଜ ଛକ, ଗେଟବଜାର-ସିଟି ହସ୍ପିଟାଲ ମୁଖ୍ୟ ରାସ୍ତା, ଷ୍ଟେଟ ବ୍ୟାଙ୍କ-ପାଣି ଟାଙ୍କି ଛକ, ଗେଟବଜାର-ଫାଷ୍ଟଗେଟ ଓ ଗେଟବଜାର-ଲୋଚାପଡା ରାସ୍ତାରେ ଅଧିକାଂଶ ସମୟରେ ବେପରୁଆ ଗାଡି ଚାଳନା ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଛକରେ ପୋଲିସ ପାଟ୍ରୋଲିଂ କରୁଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପୋଲିସ ବେପରୁଆ ଗାଡି ଚାଳନା ଉପରେ ନିୟନ୍ତ୍ରଣ ଆଣିପାରୁନାହିଁ। ସହର ସନ୍ନିକଟ ଜାତୀୟ ରାଜପଥ-୧୬ରେ ମଧ ବେପରୁଆ ଗାଡି ଚାଳନା ଯୋଗୁ ଗତ ଜାନୁୟାରୀରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏପରିକି ଏକାଧିକ ଯୁବକ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଟ୍ରାଫିକ ଡ଼ିଏସ୍‌ପି ସାର୍ଥକ ରାୟ କୁହନ୍ତି, ଗତ ଜାନୁୟାରୀରେ ଜାତୀୟ ରାଜପଥ ହଳଦିଆପଦରରୁ ଲାଞ୍ଜିପଲ୍ଲୀ ବାଇପାସ୍ ମଧ୍ୟରେ ପୃଥକ ୬ ଦୁର୍ଘଟଣାରେ ୨ ଜଣ ମହିଳା ଓ ୫ ଯୁବକଙ୍କ ମୃତ୍ୟୁ ଘଟିଛି। ଚଳିତ ମାସରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ପ୍ରଶାସନ ଓ ଟ୍ରାଫିକ ପୋଲିସର ମିଳିତ ବୈଠକ ହେବ। ଏଥିରେ ଜାତୀୟ ରାଜପଥ ଦୁର୍ଘଟଣା ପ୍ରବଣ ଅଞ୍ଚଳ ଗୁଡିକରେ ଦୁର୍ଘଟଣାକୁ କିପରି ରୋକାଯାଇପାରିବ ସେନେଇ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ସେହିପରି ସହରରେ ବେଆଇନ ଭାବେ ବସ୍ ରହଣି ହେଉଥିବା ଅଭିଯୋଗ ପରେ ଏହାର ସମାଧାନ ପାଇଁ ମାଲିକ ସଂଘକୁ ଚିଠି ଲେଖାଯାଇଛି ବୋଲି ଡ଼ିଏସ୍‌ପି ରାୟ କହିଛନ୍ତି।

# ଆଳୁ ଦର ଆକାଶଛୁଆଁ, ଖାଉଟିଙ୍କ ମଧରେ ଅସନ୍ତୋଷ

ବ୍ରହ୍ମପୁର ଅଫିସ,୫।୨

ବ୍ରହ୍ମପୁର ବଜାରରେ ଦୀର୍ଘ ଦିନ ଆଳୁ ଦର ଲଗାମ ଛଡା ହୋଇଛି। ଫଳରେ ଖାଉଟିଙ୍କ ମୁଣ୍ଡ ବିନ୍ଧା ବଢ଼ିଛି। ପାଇକାରୀ ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟିକରି ମୂଲ୍ୟ ବୃଦ୍ଧି କରୁଥିବା ଖାଉଟିଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। କିନ୍ତୁ ଏହାକୁ ପାଇକାରୀ ବ୍ୟବସାୟୀମାନେ ଖଣ୍ଡନ କରିଛନ୍ତି। ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରୁ ଆବଶ୍ୟକ ମୁତାବକ ଆଳୁ ଆସୁ ନ ଥିବାରୁ ସମସ୍ୟା ହେଉଥିବା କୁହାଯାଇଛି। ଏବେ ଖୁଚୁରା ବଜାରରେ ଆଳୁ କିଲୋ ପିଛା ୨୪ ରୁ ୩୦ ଟଙ୍କା ଦରରେ ବିକ୍ରି ହେଉଛି। ପାଇକାରୀ ଦରଠାରୁ ୨ରୁ ୩ ଟଙ୍କା କିଲୋ ପ୍ରତି ଅଧିକରେ ବିକ୍ରି କରାଯାଉଥିବା ଖୁଚୁରା ବେପାରୀ ସଫେଇ ଦେଇଛନ୍ତି। ପୂର୍ବ ଅପେକ୍ଷା ଆଳୁ ବିକ୍ରି ଯଥେଷ୍ଟ ହ୍ରାସ ପାଇଥିବା ଜଣାପଡିଛି। ଓଡିଶାକୁ ଅଧିକାଂଶ ଆଳୁ ପଶ୍ଚିମବଙ୍ଗର କଲିକତା ଓ ଉତ୍ତରପ୍ରଦେଶରୁ ଆସୁଛି। ବ୍ରହ୍ମପୁର ବଜାରକୁ ନୂଆ ଆଳୁ ଜାନୁୟାରୀରେ ଆସିଲେ ଦର କମିବ ବୋଲି ଅନୁମାନ



କରାଯାଉଥିଲା। କିନ୍ତୁ ନୂଆ ଆଳୁ ବଜାରକୁ ଆସିବା ପରେ ଏବେ ମଧ ସେହି ଚଢ଼ା ଦର ରହିଥିବା ଦେଖିବାକୁ ମିଳିଛି। ସୂଚନାମୁତାବକ ବଜାରକୁ ୧୦ ରୁ ୧୨ ହୋଲସେଲ୍ ବେପାରୀ ପ୍ରତିଦିନ ୨୧୦ ଟନ୍‌ରୁ ଉର୍ଦ୍ଧ୍ୱ ନୂଆ ଆଳୁ ଓ ୨୦ ରୁ ୨୨ ଟନ୍ ପୁରୁଣା ଆଳୁ ଆଣୁଥିଲେ। ଏବେ ଜାଣିଶୁଣି ବେପାରୀମାନେ କମ୍ ପରିମାଣର ଆଳୁ ଆଣୁଛନ୍ତି। ଫଳରେ କୃତ୍ରିମ ଅଭାବ ସୃଷ୍ଟିକରି ଦରବୃଦ୍ଧି କରିବାରେ ଲାଗିଛନ୍ତି। ପ୍ରଶାସନ ଜାଣିସୁଦ୍ଧା ନୀରବ ଦ୍ରଷ୍ଟା ସାଜି ଥିବାରୁ ବେପାରୀମାନେ ଚଢ଼ା ଦରରେ ଆଳୁ ବିକ୍ରିକରି ଲାଭବାନ ହେଉଛନ୍ତି। ଫଳରେ ଖାଉଟିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୋମବାର ବଜାରରେ ନୂଆ ଆଳୁ କୁଇଣ୍ଟାଲ ପିଛା ୧୫୦୦ ରୁ ୧୭୦୦ଟଙ୍କା ରହିଥିବା ବେଳେ ଖୁଚୁରା ବଜାରରେ କିଲୋ ପିଛା ୨୪ ଟଙ୍କା ରହିଛି। ସେହିପରି ପୁରୁଣା ଆଳୁ କୁଇଣ୍ଟାଲ ପିଛା ୨୨୦୦ ରୁ ୨୪୬୦ ରହିଥିବା ବେଳେ ଖୁଚୁରା ବଜାରରେ କିଲୋ ପିଛା ୩୦ ଟଙ୍କା ରହିଥିବା ଜଣାପଡିଛି। ଆମ ପାଖକୁ ଯେଉଁ ଦରରେ ଆଳୁ ଆସୁଛି ଆମେ କମ୍ ଲାଭ ରଖି ବଜାରକୁ ଛାଡିଦେଉ ବୋଲି ବ୍ରହ୍ମପୁରର କେତେକ ହୋଲସେଲ୍ ବ୍ୟବସାୟୀ କହିଛନ୍ତି। ଅନ୍ୟପକ୍ଷେ ଆଳୁ ପ୍ରଚୁର ପରିମାଣରେ ବଜାରରେ ଗଚ୍ଛିତ ଅଛି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ସହ କଳାବଜାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାହକମାନେ ଦାବି କରିଛନ୍ତି। ଏ ବିଷୟରେ ବ୍ରହ୍ମପୁର ଉପ-ଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ଚେଷ୍ଟା କରୁଛୁ ଯଦି ବଜାରରେ କେଉଁଠି ଆବଶ୍ୟକ ପରିମାଣଠାରୁ ଅଧିକ ଆଳୁ ଗଚ୍ଛିତ ହୋଇ ରହିଛି ତେବେ ଚଡାଉ କରି ଏହାକୁ ବଜାରକୁ ଛାଡିବୁ। ବ୍ରହ୍ମପୁର ବ୍ୟବସାୟୀ ମହାସଂଘ ସଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ କହିଛନ୍ତି, ଆଗରୁ ଅଧିକ ଆଳୁ କଲିକତାରୁ ଆସୁଥିଲା। ଏବେ କିନ୍ତୁ ଏହା କୌଣସି କାରଣରୁ କମ୍ ପରିମାଣରେ ଆସୁଥିବାରୁ ଆମେ ଉତ୍ତରପ୍ରଦେଶରୁ ଆଳୁ ଆଣୁଛୁ। ଫଳରେ ପରିବହନ ବାବଦକୁ ଅଧିକ ଟଙ୍କା ଦେବାକୁ ପଡୁଛି ସେଥିନିମନ୍ତେ ଦର ବୃଦ୍ଧି ପାଇଛି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

## ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ

- ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର, ଅଭିଭାବକ
- ବର୍ଷାରେ ଭିଜିଲେ, ପହଞ୍ଚିଲାନି ପ୍ରଶାସନ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୫।୨(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ପଞ୍ଚାୟତ ହାତୀମୁଣ୍ଡାର ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରେ ବୁଧବାର ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଶିକ୍ଷକ ପଦବୀ ପୂରଣ ସହ ବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଧାରଣାରେ ବସିଛନ୍ତି। ମହାତ୍ମା ଗାନ୍ଧୀ ଏବଂ ଡ. ଆମ୍ବେଡକରଙ୍କ ଫଟୋଚିତ୍ର ରଖି ବିକ୍ଷୋଭ ଚାଲିଛି। ବର୍ଷା ସତ୍ତ୍ୱେ ମଧ୍ୟ ଧାରଣା ଜାରି ରହିଛି। ଖବର ଲେଖାହେବା ସୁଦ୍ଧା ପ୍ରଶାସନ ପହଞ୍ଚି ନାହିଁ।

ତାମାଙ୍ଗି ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ମୋଟ ୧୫୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ମାତ୍ର ୪ଟି କ୍ଲାସରୁମ୍ ରହିଥିବାବେଳେ, ପ୍ରଧାନ ଶିକ୍ଷକ ଭାବେ ଜଣେ ଶିକ୍ଷାସହାୟକ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ମିଶାଇ ୬ ଜଣ ଶିକ୍ଷକ ୧୦ଟି ଶ୍ରେଣୀକୁ ପାଠପଢ଼ାଉଛନ୍ତି। ବୁଧବାର ସୁଦ୍ଧା ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀ ଡେଡ୍‌ଲାଇନ୍ ଦେଇଥିଲେ। ଏହାପୂରଣ ପରେ ଧାରଣାକୁ ଓହ୍ଲାଇଛନ୍ତି। ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ରହିଛି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ଶ୍ରେଣୀଗୃହ, ପାଚେରି, ଖେଳପଡ଼ିଆ ନିର୍ମାଣ ସହ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ପ୍ରଦାନ ବ୍ୟବସ୍ଥା କରିବା। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକ କମିଟି ଦାବି ପୂରଣ ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବହୁବାର ଅଭିଯୋଗ କରିଥିଲେ। ପ୍ରଶାସନ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮ ନଭେମ୍ବର ୬ରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଶିକ୍ଷକ ପଦବୀ ପୂରଣ ବଦଳରେ ଏଠାରୁ ଅନ୍ୟତ୍ର ବଦଳି କରିଦିଆଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୨୦୧୫ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ଘୋଷଣା କରାଗଲା। ପୂର୍ବରୁ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ରହିଥିବାବେଳେ ପରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଖୋଲାଗଲା। ମାତ୍ର ଶିକ୍ଷକ ନିଯୁକ୍ତି ହେଲେନାହିଁ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ହିଁ ନବମ ଏବଂ ଦଶମ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଫଳରେ ଗୁଣାତ୍ମକ ଶିକ୍ଷା ମିଳୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ବିଜ୍ଞାନ, ଗଣିତ, ଇଂଲିଶ, ସଂସ୍କୃତ, ହିନ୍ଦୀ, ଖେଳ ଶିକ୍ଷକ ଶୀଘ୍ର ନିଯୁକ୍ତି ପାଇଁ ପ୍ଲାକାର୍ଡ ଧରି ଦାବି ଜଣାଇଛନ୍ତି। ବୁଧବାର ବର୍ଷା ଲାଗିରହିଥିଲେ ମଧ୍ୟ ଆନ୍ଦୋଳନ ଜାରି ରହିଛି। ଖବର ଲେଖାଯିବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଉତ୍ତେଜନା ଦେଖାଦେଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପୂର୍ବତନ ସମିତିସଭ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ବଳିଆର ସିଂ କହିଛନ୍ତି।

ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏବେ ତାମାଙ୍ଗି ହାଇସ୍କୁଲ ପାଇଁ ଶିକ୍ଷକ ପଦବୀ ପୂରଣ କରିବା ସମ୍ଭବ ନୁହେଁ। ଆବଶ୍ୟକ ପଦବୀ ପୂରଣ ପାଇଁ ଶିକ୍ଷକ ଅଭାବ ରହିଛି। ଉକ୍ତ ବିଦ୍ୟାଳୟର ୨ ଜଣ ଶିକ୍ଷକ ଅନ୍‌ଲାଇନରେ ବଦଳି ପାଇଁ ଆବେଦନ କରିଥିଲେ। ତାଙ୍କ ବଦଳି ପରେ ସେଠାରେ ଦୁଇଜଣ ଏମ୍ଏ (ଏମ୍ଇଡି) ଶିକ୍ଷକଙ୍କୁ ଦିଆଯାଇଛି। ସେମାନେ ହିଁ ଏବେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ।


ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ ଚାଲିଛି।

## ସଂକ୍ଷେପରେ

### ଭାଲିଆଗୋଚ୍ଛା ନୃସିଂହ ମନ୍ଦିରରେ ୨ ଗରୁଡ଼ପକ୍ଷୀ



**ସୋରଡା,୫।୨(ଡି.ଏନ୍.ଏ.):** ବ୍ଲକର ସୋରଡା ଆସିକା ରାସ୍ତା ଭାଲିଆଗୋଚ୍ଛା ନୃସିଂହ ମନ୍ଦିରରେ ବୁଧବାର ମଧ୍ୟାହ୍ନରେ ୨ଟି ଗରୁଡା ପକ୍ଷୀ କେଉଁଆଡୁ ଆସି ପହଁଚିଥିଲେ। ବିରଳ ଗରୁଡ ପକ୍ଷୀ ବିଷ୍ଣୁଙ୍କ ବାହନ ହୋଇଥିବାରୁ ପକ୍ଷୀ ୨ଟିକୁ ପୂଜାରୀ ଦେଖି ପୂଜା କରିଥିଲେ। ଭକ୍ତମାନେ ମଧ୍ୟ ପୂଜାର୍ଚ୍ଚନା କରିବା ସହ ପକ୍ଷୀ ୨ଟିକୁ କ୍ଷୀର ପିଆଇଥିଲେ। ଖବର ପ୍ରଚାର ହେବାପରେ ବହୁ ଲୋକଙ୍କ ଭିଡ ଜମିଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସର ଦିନ ପେନ୍‌ସନ

**ସୋରଡ଼ା,୫।୨(ଡି.ଏନ.ଏ.):** ସୋରଡ଼ା ବ୍ଲକର କେଶରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ଦାଶଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ପ୍ରଧାନ ଭୋଭିଜିନାଲ ପେନ୍‌ସନ ପ୍ରଦାନ କରିଥିଲେ। ଏବିଇଓ ଅଭିମନ୍ୟୁ ସାହୁ, ସୁଶୀଳା ପାତ୍ର, ସିଆର୍‌ସି ଚିନ୍ତାମଣି ତ୍ରିପାଠୀ, ଗୋବିନ୍ଦ ସେଠୀ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ

**ଦାରିଙ୍ଗବାଡ଼ି,୫।୨(ଡି.ଏନ୍.ଏ.):** ଦାରିଙ୍ଗବାଡ଼ିଠାରେ ଥିବା ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ବୁଧବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଅଧ୍ୟକ୍ଷା ସୁବେନ୍ତି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଇଓ ବ୍ରହ୍ମାନନ୍ଦ ରାଉତ ଅଧ୍ୟକ୍ଷତା କରିଥିବାବେଳେ ସିଆରସିସି ଶ୍ୟାମସୁନ୍ଦର ଦିଗାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତି, ଦାରିଙ୍ଗବାଡ଼ି ଥାନା ଅଧିକାରୀ କୌଶିକ ମାଝୀ, ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଶିବ ସେଠୀ ଯୋଗଦେଇ ବିଦ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ ସଙ୍ଗୀତ, ଚିତ୍ରାଙ୍କନ, ଆଳୁ ଚାମଚ ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ମାନସ କୁମାର ଷଡ଼ଙ୍ଗୀ, ରଶ୍ମିତା ସେନାପତି, ରଞ୍ଜୁ ବଳିଆରସିଂ, ନିରଞ୍ଜନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ବିଆର୍‌ସିସି ତଥା ଏବିଇଓ ସୁବାସିନୀ ଦିଗାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ହରିହର ନାୟକ ଧନ୍ୟବାଦ ଦେଇଥିଲେ।

### ପ୍ରିୟଙ୍କାରାଣୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଦିଗପହଣ୍ଡି,୫।୨(ଡି.ଏନ.ଏ.)**

ସଡ଼କ ଦୁର୍ଘଟଣାରେ ଚିକିତ୍ସାଧୀନ ଦିଗପହଣ୍ଡି ରାଣୀ ସାହିର ପ୍ରିୟଙ୍କାରାଣୀ ପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ ଦୁଇଟି କିଡନୀକୁ ପରିବାର ଲୋକେ ସ୍ୱେଚ୍ଛାକୃତ ଭାବେ ଦାନ କରିଥିଲେ। ଏଥିପାଇଁ ପ୍ରିୟଙ୍କାଙ୍କ ସ୍ମୃତିରେ ବୁଧବାର ଅପରାହ୍ନରେ ସ୍ଥାନୀୟ ଖେମୁଣ୍ଡି ବଣିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ କରାଯାଇଛି। ଦିଗପହଣ୍ଡି କଳିଙ୍ଗ ବୈଶ୍ୟ ଭବନ ମହାଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ହରପ୍ରସାଦ ରଥ ସଭାପତିତ୍ୱ କରିଥିଲେ। ମୃତ୍ୟୁ ପରେ କିଡନୀ ଦାନ କରି ପ୍ରିୟଙ୍କା ଆଜି ସମଗ୍ର ଓଡିଶାବାସୀଙ୍କ ପାଇଁ ଯଶସ୍ୱୀ ତଥା କାଳଜୟୀ ହୋଇପାରିଛନ୍ତି ବୋଲି ସଭାରେ ବହୁ ବକ୍ତା ପ୍ରକାଶ କରିଥିଲେ। ବଣିକ ସଂଘର କାର୍ଯ୍ୟକର୍ତ୍ତା କେ.ଧର୍ମାଲୁ ସୁବୁଦ୍ଧି, ପି.ରାଜା ରାଓ ପାତ୍ର, କେ.ତ୍ରିପତି ପାତ୍ର, ଇ.ନବୀନ ଚନ୍ଦ୍ର, ୟୁ.ଲିଙ୍ଗରାଜ ରାଓ, କ୍ରିଷ୍ଣାନନ୍ଦ ପଣ୍ଡା, ସୁଧାଂଶୁ ପାଣିଗ୍ରାହୀ, ଶରତ ଚନ୍ଦ୍ର ଦାଶ, ଏ.ଆଟୀଶ କୁମାର ପାତ୍ର, ରାଧାକୃଷ୍ଣ ମହାପାତ୍ର ପ୍ରମୁଖ ସଂଘର ବହୁ ସଦସ୍ୟ ପ୍ରିୟଙ୍କାଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ପ୍ରିୟଙ୍କାଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଜିଲା ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

**ଫୁଲବାଣୀ ଅଫିସ, ୫।୨**

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଆଇନର ଜିଲାସ୍ତରୀୟ ଭିଜିଲାନ୍ସ ମନିଟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରା ଉପସ୍ଥିତ ରହି ବିଭିନ୍ନ ମାମଲା ଉପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ୨୦୧୭-୧୮ରେ ୩୭ଟି ଯୁଗ୍ମ ତଦନ୍ତ ରିପୋର୍ଟ ଗ୍ରହଣ କରାଯାଇଛି। ସେହିଭଳି ୨୦୧୮ ଅକ୍ଟୋବରରୁ ୨୦୨୦ ଜାନୁୟାରୀ ସୁଦ୍ଧା କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କଠାରୁ ୨୬ଟି ଯୁଗ୍ମ ତଦନ୍ତ ରିପୋର୍ଟ ମିଳିଛି। ଏପରି ମୋଟ ୬୩ ମାମଲାର ଯୁଗ୍ମ ରିପୋର୍ଟ ମିଳିଛି। କ୍ଷତିପୂରଣ ପାଇଁ ସରକାରଙ୍କ ନିକଟକୁ ପଠାଯାଇଛି। ସେହିପରି ୨୦୧୯ ମେ ମାସରୁ ୨୦୨୦ ଜାନୁୟାରୀ ମଧ୍ୟରେ ୧୫ଟି ନିର୍ଯାତନା ମାମଲା ପଞ୍ଜୀକୃତ ହୋଇଥିବା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ୨ଟି ମାମଲାରେ ଦୋଷୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୩ ମାମଲାର ତଦନ୍ତ ଚାଲିଛି। ୨୦୧୮-୧୯ ଆର୍ଥିକ ବର୍ଷରେ କ୍ଷତିପୂରଣ ବାବଦରେ ୩୫ ଲକ୍ଷ ୮୮ ହଜାର ୭୫୦ ଟଙ୍କା ମିଳିଥିବା ବେଳେ ୨୫ ନିର୍ଯାତିତାଙ୍କୁ ୨୮ ଲକ୍ଷ ୨ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଛି। କୋର୍ଟଙ୍କ ବିଚାର ଅନୁସାରେ ବଳକା ଟଙ୍କା ଦିଆଯିବ। ସେହିପରି ୨୦୧୯-୨୦ରେ ୨୩ ଜଣଙ୍କୁ ୨୩ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ କ୍ଷତିପୂରଣ ଦିଆଯାଇଛି। ୨୦୧୮-୧୯ ଓ ୨୦୧୯-୨୦ରେ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତରେ ୨୫ଟି ମାମଲାର ଫଇସଲା ହୋଇଥିବା ବେଳେ ୧୦ଟି ମାମଲା ବିଚାରାଧୀନ ରହିଛି। ୨୦୧୮-୧୯ରେ ଅସବର୍ଣ୍ଣ ବିବାହ କରିଥିବା ୬ ଦମ୍ପତିଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା, ୨୦୧୯-୨୦ରେ ଗୋଟିଏ ଦମ୍ପତିଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି। ବୈଠକରେ ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ଦାରିଙ୍ଗବାଡିରେ ପ୍ରବଳ ବର୍ଷା


ଦାରିଙ୍ଗବାଡି ଅଞ୍ଚଳରେ ବର୍ଷା ହେଉଛି।

**ଦାରିଙ୍ଗବାଡି/ବାଲିଗୁଡା, ୫।୨(ଡି.ଏନ୍.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଓ ବାଲିଗୁଡା ସମେତ ବିଭିନ୍ନ ଅଞ୍ଚଳରେ ଲଘୁଚାପ ପ୍ରଭାବରେ ବୁଧବାର ସକାଳଠାରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ବର୍ଷା ଯୋଗୁ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ପାରଦ ୧୦ଡିଗ୍ରୀ ତଳେ ରହିଛି। ଗତ ୩ଦିନ ହେଲା ଅଞ୍ଚଳରେ କୋହଲା ପାଗ ସହ ଘନ କୁହୁଡି ଆଚ୍ଛାଦିତ ହୋଇ ରହୁଥିଲା। ଏଥିସହ ଝିପିଝିପି ବର୍ଷା ମଧ୍ୟ ହେଉଥିଲା। ମାତ୍ର ବୁଧବାର ଜୋରରେ ବର୍ଷା ହୋଇଛି। ବର୍ଷା ଯୋଗୁ ପନିପରିବା ଚାଷ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ବର୍ଷା ହଳଦୀ ଚାଷ ପାଇଁ ବହୁତ ଫାଇଦା ଦେବ ବୋଲି କୁହାଯାଇଛି। ହଳଦୀ ଖୋଳା ଚାଲିଥିବାରୁ ବର୍ଷା କାରଣରୁ ମାଟି ହାଲକା ହୋଇଛି ତେଣୁ ହଳଦୀ ଖୋଳିବା ସହଜ ହେବ ବୋଲି ଚାଷୀ ଟାମିଆ ବିନ୍ଧାଣୀ କହିଛନ୍ତି। ଶ୍ରୀନିକେତା, ସିମନବାଡି, ଦାସିଂବାଡି, ଗ୍ରୀନବାଡି, ଭ୍ରମରବାଡି, ସିଆଙ୍ଗବାଲି ଆଦି ଅଞ୍ଚଳରେ ମଧ୍ୟ ବର୍ଷା ଜାରି ରହିଛି। ସେହିପରି ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି।

# କୃଷି ସଶକ୍ତୀକରଣ କାର୍ଯ୍ୟକ୍ରମ, ବିହନ ବଣ୍ଟନ


ଜଣେ ଚାଷୀଙ୍କୁ ବିହନ ବଣ୍ଟନ କରାଯାଉଛି।

**କ.ନୂଆଗାଁ,୫।୨(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ କୃଷି ବିଭାଗ ତରଫରୁ ଚାଞ୍ଚେଡା ପଞ୍ଚାୟତରେ ଧାନଚାଷ ତାଲିମ ଶିବିର ସହ କୃଷି କ୍ଷେତ୍ର ପରିଦର୍ଶନ ଓ ମୁଗ ବିହନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଅଞ୍ଚଳର ୫୦ ଜଣ ଚାଷୀଙ୍କୁ ଧାଡିରୁଆ, ସାର ପ୍ରୟୋଗ ଓ ସମବାୟ ଦ୍ୱାରା ଧାନ ବିକ୍ରୟ କରି କିପରି ଲାଭବାନ ହୋଇପାରିବେ ବୁଝାଇଥିଲେ। ସହକାରୀ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ପରେ ମିଠାମକା, ମଟର ଓ ସୂର୍ଯ୍ୟମୁଖୀ ଲାଗିଥିବା କ୍ଷେତ ପରିଦର୍ଶନ କରିଥିଲେ। ୫୦ଜଣ ଚାଷୀଙ୍କୁ ମୁଗ ବିହନ ବଣ୍ଟନ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ କୃଷି ଅଧିକାରୀ ବାସୁଦେବ ପଣ୍ଡା, ସହକାରୀ ପ୍ରଯୁକ୍ତି ବିଦ୍ୟା ପରିଚାଳକ ଶୁଭେନ୍ଦୁ କୁମାର ମହାପାତ୍ର, ଗ୍ରାମ୍ୟ କୃଷି କର୍ମଚାରୀ ଏମ୍. ରାମେଶ୍ୱର ଆଚାରୀ, କୃଷକ ସାଥୀ ପ୍ରମୋଦ କୁମାର ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ହିଞ୍ଜିଳିକାଟୁ, ୫।୨ (ଡି.ଏନ୍.ଏ.)**

ହିଞ୍ଜିଳି ଥାନା ନୂଆଁ ବୁରୁପୋଡ଼ା ଗ୍ରାମର ଜଣେ ମହିଳା ବୁଧବାର ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୋନାଲି ଦତ। ସକାଳେ ମହିଳା ଜଣକ କୌଣସି କାରଣରୁ ବିଷପାନ କରିଥିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆତ୍ମସୁରକ୍ଷା ତାଲିମ ଶିବିର

**ଫିରିଙ୍ଗିଆ, ୫।୨**

ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କାର୍ଶିନିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆତ୍ମ ରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟକୃଷ୍ଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଦିନ ଧରି ଏହି ତାଲିମ କାର୍ଯ୍ୟକ୍ରମ ଚାଲିଥିଲା। ବିଦ୍ୟାଳୟର ୫୭ ଜଣ ଛାତ୍ରୀ ଆତ୍ମରକ୍ଷା ଉପରେ ତାଲିମ ନେଇଥିଲେ। ଡିମିରିଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ଓ କାର୍ଶିନିପଦର ସ୍କୁଲର ଶିକ୍ଷୟିତ୍ରୀ ଅରୁନ୍ଧତୀ ମଲ୍ଲିକ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। ଶିକ୍ଷକ ରାଜେଶ କୁମାର ନାଏକ ଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ବ୍ୟବସାୟ ଜମୁଛି, ସାଂସ୍କୃତିକ କାର୍ଯ୍ୟକ୍ରମ ମନମୋହୁଛି

## କନ୍ଧମାଳ ମହୋତ୍ସବ ଚତୁର୍ଥ ସନ୍ଧ୍ୟା

**ଫୁଲବାଣୀ ଅଫିସ, ୫।୨**

ଫୁଲବାଣୀ କରୋନେଶନ ପଡ଼ିଆରେ ଚାଲିଥିବା କନ୍ଧମାଳ ମହୋତ୍ସବ ବୁଧବାର ଚତୁର୍ଥ ଦିନରେ ପହଞ୍ଚିଛି। ଆଉ ମାତ୍ର ଗୋଟିଏ ଦିନ ପରେ ଉତ୍ସବ ଶେଷ ହେବ। ବୁଧବାର ଓ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପଲ୍ଲିଶ୍ରୀମେଳା ହେଉଛି। ଏହି ୨ ଦିନ ସଭା କାର୍ଯ୍ୟ ରଖାଯାଇନାହିଁ। ସନ୍ଧ୍ୟାରେ ବୌଦ୍ଧ, ନବରଙ୍ଗପୁର, ବରଗଡ ଜିଲାର ଲୋକ ନୃତ୍ୟ ଥିଲା ବିଶେଷ ଆକର୍ଷଣ। କଳାକାରମାନେ ସେମାନଙ୍କ ଅଞ୍ଚଳର ବିଭିନ୍ନ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ସବୁଦିନ ପରି ପ୍ରବଳ ଗହଳି ଲାଗି ରହିଥିଲା। ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ମଧ୍ୟ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଛି। ସହର ଏବଂ ଗ୍ରାମାଞ୍ଚଳରୁ ଲୋକେ ଆସି ବିଭିନ୍ନ ପ୍ରକାର ସାମଗ୍ରୀ କିଣୁଛନ୍ତି। ସବୁ ବର୍ଷ ପରି ଏଥର ମଧ୍ୟ ବେତ ସାମଗ୍ରୀ, କାଠରେ ନିର୍ମିତ ଚେୟାର, ଟେବୁଲ, ଖଟ ଆଦି ମେଳାରେ ବିକ୍ରି ହେଉଛି। ମଙ୍ଗଳବାର ମେଳାରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପଡିଆ ମଧ୍ୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ମେଳା ଭିତରକୁ ଆସି ବାହାରକୁ ବାହାରିବା ପାଇଁ ବହୁ ସମୟ ଲାଗୁଥିଲା। ପଡିଆ ମଝିରେ ଦର୍ଶକଙ୍କ ବୁଲିବା ପାଇଁ ଥିବା ସ୍ଥାନରେ ଉଠା ଦୋକାନୀଙ୍କୁ ସ୍ଥାନ ଦିଆ ଯାଇଥିବାରୁ ଲୋକେ ଯାତାୟାତ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବାରୁ ଅଧିକାଂଶ ସ୍ଥଳ ଅନ୍ଧାରରେ ରହିଥିଲା।


 କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ଲଡୁଙ୍କ ଆଦର୍ଶ ଯୁବପିଢ଼ି ଲାଗି ପ୍ରେରଣାର ଉତ୍ସ

## ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ

**ଆସିକା,୫।୨ (ଡି.ଏନ୍.ଏ.)**

ଆସିକାର ପୂର୍ବତନ ଦିବଙ୍ଗତ ଏମ୍‌ପି ଲଡୁ କିଶୋର ସ୍ୱାଇଁଙ୍କ ଆଦର୍ଶ ବର୍ତ୍ତମାନର ଯୁବପିଢି ପାଇଁ ପ୍ରେରଣାର ଉତ୍ସ। ଯୁବଶକ୍ତି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇପାରିଲେ ଏହାହିଁ ହେବ ସେହି ମହାନ୍ ଆତ୍ମାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। କବିସୂର୍ଯ୍ୟନଗର ବ୍ଲକ୍ ପଥରାଠାରେ ବୁଧବାର ସ୍ୱର୍ଗତ ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଲଡୁବାବୁ ଜଣେ ସରଳ, ନିରଳସ ଓ ମିଷ୍ଟଭାଷୀ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରତିପାଦିତ କରିବାରେ ସକ୍ଷମ ହୋଇଥିଲେ। ଏହି ଆଦର୍ଶ ଓ ଚିନ୍ତାଧାରା ତାଙ୍କୁ ଶିକ୍ଷକତାରୁ ରାଜନୈତିକ କାର୍ଯ୍ୟକ୍ରମ ଆଡକୁ ଟାଣି ନେଇଥିଲା। ପ୍ରାଥମିକ ସ୍ତରରେ କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ପଞ୍ଚାୟତରୁ ଅପ୍ରତିଦ୍ୱନ୍ଦି ଭାବେ ସରପଞ୍ଚ ହୋଇଥିବାବେଳେ ପରେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ବ୍ଲକର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ୦୯ ଯାଏ କବିସୂର୍ଯ୍ୟନଗର ବିଧାୟକ, ୨୦୧୪ରେ ଆସିକା ଏମ୍.ପି. ଭାବେ ନିର୍ବାଚିତ ହୋଇଥିଲେ।

ସ୍ୱର୍ଗତ ସ୍ୱାଇଁଙ୍କ ଧର୍ମପତ୍ନୀ ତଥା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ବାଚସ୍ପତି ପ୍ରଦୀପ କୁମାର ଅମାତ, ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂ, ଜିଲା ବିଜେଡି ସଭାପତି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ଶ୍ରୀକାନ୍ତ ସାହୁ, ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ନାରାୟଣ ରେଡ୍ଡୀ, ନିରଞ୍ଜନ ପ୍ରଧାନ, ସୁବାସ ମହାରଣା, ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲାଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ନୀଳମଣି ପଟ୍ଟନାୟକ, ଆସିକା ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, କବିସୂର୍ଯ୍ୟନଗର ବ୍ଲକ୍ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢୀ, ବିଜେଡି ନେତ୍ରୀ ମମତା ବିଷୋୟୀ, ସଂଘମିତ୍ରା ଦଳାଇ, ଭାଜପା ନେତା ନାରାୟଣ ବେହେରା, ଶିବ ନାହାକ, ଦିଲ୍ଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ଅନିଲ୍ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ। ଏହି ଅବସରରେ ଆସିକା - କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର ପଥରା ଛକ ଠାରେ ସ୍ୱର୍ଗତ ସ୍ୱାଇଁଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ମନ୍ତ୍ରୀ ମଲ୍ଲିକ ଉନ୍ମୋଚନ କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ପୁତ୍ର ନଚିକେତା ସ୍ୱାଇଁ, ଅଶ୍ୱିନୀ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଆସିକା ଓ କବିସୂର୍ଯ୍ୟନଗର ବ୍ଲକର ବିଭିନ୍ନ ପଞ୍ଚାୟତସ୍ତରରେ ମଧ୍ୟ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।


ବୈଠକରେ ମଞ୍ଚାସୀନ ମନ୍ତ୍ରୀ ଓ ଅନ୍ୟ ଅତିଥିବୃନ୍ଦ।



## ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ (THIRD LANGUAGE HINDI/SANSKRIT)

### HINDI

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

**PART – I (OBJECTIVE)**

1. **एक-एक वाक्य में उत्तर दीजिए ।** [1×5=5
(क) व्यापारिक बातचीत कैसी होनी चाहिए ?
(ख) कौन-कौन सी घटनाओं के बारे में सोचने पर पं. चन्द्रधर को नींद नहीं आई ?
(ग) स्वामीजी के अनुयायियों ने क्या किया ?
(घ) कौवे गमले के पास क्या कर रहे थे ?
(ङ) लोगों के अनुसार जिंदगी में क्या है ?

2. **एक-एक शब्द में उत्तर दीजिए ।** [1×5=5
(क) मनुष्य की उन्नति का कारण क्या है ?
(ख) कृपाशंकर कौन-सी नौकरी करते थे ?
(ग) रामकृष्ण मिशन की प्रतिष्ठा किसने की ?
(घ) लेखिका जब लिखने बैठती थी, तब उनका ध्यान आकर्षित करने के लिए गिल्लू क्या करता था ?
(ङ) ओड़िशा कब स्वतंत्र हुआ ?

3. **खाली जगहों को भरिए।** [1×5=5
(क) भाव को प्रभावशाली भाष में व्यक्त पर देना ही ______ है।
(ख) चोखेलाल ने कहा, 'मेरी फीस ______ रूपए निकालिए।
(ग) कुछ लोग सुख भोगने को ______ रहते हैं।
(घ) तीन-चार मास में उसके स्निग्ध रोएँ और चंचल ______ आँखें सबको विस्मित करने लगीं।
(ङ) ओड़िशा के इतिहास का ______ पन्ना है ईस्वी पूर्व तीसरी शताब्दी का।

4. **एक-एक वाक्य में उत्तर दीजिए।** [1×5=5
(क) कबीर ने किसे तप माना और किस पाप ?
(ख) मोहन की क्रोधपूर्ण बातें सुनकर माँ यशोदा क्या कहकर श्रीकृष्ण को समझाती हैं ?
(ग) कौन-सा उदाहरण देकर रहीम समझाते हैं कि लघु की उपेक्षा नहीं करनी चाहिए।
(घ) तिनका पड़ने से कवि की आँख की दशा क्या हुई ?
(ङ) संशय का कुहासा क्या नुकसान पहुँचाता है ?

5. **एक-एक शब्द में उत्तर दीजिए।** [1×5=5
(क) श्रीकृष्ण कहाँ माखन लगा लेते हैं ?
(ख) मधुर वचन का परिणाम क्या होता है ?
(ग) धन पाकर लोग क्या हो जाते हैं ?
(घ) जाड़े के मौसम में चाँद को कहाँ सफर करना पड़ता है ?
(ङ) धूलि-धूसर बादलों ने किसको घेर लिया ?

6. **निर्देशानुसार उत्तर दीजिए।** [1×5=5
(क) विलोम शब्द लिखिए – वीरत्व
(ख) समानार्थी शब्द लिखिए – गलत फहमी
(ग) वर्तनी शुद्ध कीजिए – ईमलि
(घ) सही रूप क्या होगा – समाज + इक
(ङ) वाक्य शुद्ध कीजिए – रोशन किताब पढ़ा।

7. **निर्देशानुसार उत्तर दीजिए।** [1×5=5
(क) बहुवचन रूप लिखिए – रोआँ
(ख) एकवचन रूप लिखिए – पंजे
(ग) कौन सा पुंलिंग शब्द है – जीव, नाव, बात
(घ) अव्यय छाँटिए – लावा, कोई, अलावा
(ङ) लिंग बदलिए – भाई

8. **निर्देशानुसार उत्तर दीजिए।** [1×5=5
(क) सही परसर्ग भरिए : मैं कमरे ______ बरामदे में आया।
(ख) उपसर्ग छाँटिए – निरादर
(ग) प्रत्यय पहचानिए – डरावना
(घ) सही परसर्ग भरिए – शिक्षा ______ इंतजाम हुआ।
(ङ) रेखांकित पद किस कारक में है ?
उत्कृष्ट कलाओं का देश।

9. **निर्देशानुसार उत्तर दीजिए।** [1×5=5
(क) प्रथम प्रेरणार्थक क्रिया-रूप लिखिए - नाचना
(ख) सकर्मक क्रिया छाँटिए : रोना, सोना, धोना
(ग) जानें ______ जमीन नहीं दी। ('देना' का सही रूप)
(घ) अकर्मक क्रिया छाँटिए : लड़ना, चुनना, चलाना
(ङ) भूतकाल में बदलिए : रक्त की धारा बह चलेगी।

10. **निर्देशानुसार उत्तर दीजिए।** [1×5=5
(क) यह कौन-सी संज्ञा है – घबराहट
(ख) विशेषण रूप लिखिए – नोक
(ग) 'पढ़ना' का भाववाचक संज्ञा रूप क्या है ?
(घ) संयुक्त क्रिया कौन-सी है ? बढ़ाना, बढ़ जाना, पढ़ा गया
(ङ) 'उसने' किस प्रकार का सर्वनाम है ?

**PART-II : SUBJECTIVE**

1. **निम्नलिखित प्रश्नों में से किन्हीं दो के उत्तर (प्रत्येक दो-तीन वाक्यों) में दीजिए :** [5×2=10
(i) मनुष्य कब वंद्य बनता है ?
(ii) गिल्लू की लेखिका को चौंकाने की इच्छा के बारे में क्या कहा गया है ?
(iii) चोखेलाल हर साल बिल्हौर क्यों जाते थे ?

2. **निम्नलिखित प्रश्नों में से किन्हीं दो के भाव (प्रत्येक दो-तीन वाक्यों) में समझाइए :** [5×2=10
(i) घटना-बढ़ना रोज किसी दिन, ऐसा भी करता है,
नहीं किसी की आँखों का, तू दिखलाई पड़ता है।
(ii) गोधन, गजधन, बाजिधन और रतनधन खान,
जब आवै सन्तोष धन, सब धन धूरी समान ।
(iii) रहो न भूल के कभी मदांध तुच्छ वित्त में,
सनाथ जान आपको करो न गर्व चित्त में ।

3. **निर्देशानुसार प्रश्नों के उत्तर दीजिए:** [2×5=10
(i) रेखांकित शब्द का लिंग बदलकर वाक्य को फिर से लिखिए :
सेवक दूसरों की सेवा करता है।
(ii) रेखांकित शब्द का लिंग बदलकर वाक्य को फिर से लिखिए :
भैंस पानी पी रही थी।
(iii) अमेरिका में धर्मसभा हो रही थी। – इस वाक्य को भविष्यत काल में बदल कर लिखिए।
(iv) 'अनुकूल' शब्द को प्रयोग करके एक सार्थक वाक्य बनाइए।
(v) तुम्हारा सूरत भी नहीं देखा। – इस वाक्य को शुद्ध करके फिर से लिखिए।

4. **निम्नलिखित किन्हीं पाँच वाक्यों का हिन्दी में अनुवाद कीजिए :** [2×5=10
(i) ମୁଁ କେବେହେଲେ କୋଣାର୍କ ଦେଖି ନାହିଁ।
(ii) ଜଙ୍ଗଲରେ ନାନାପ୍ରକାର ଜୀବଜନ୍ତୁ ବାସକରନ୍ତି।
(iii) କେଉଁମାନେ ନଦୀରୁ ମାଛ ଧରିଲେ ?
(iv) ସୈନିକମାନେ ଜୀବନ ଦେଇ ଦେଶ ରକ୍ଷା କରିଥାନ୍ତି।
(v) ବାଳକମାନେ ରାତିରେ ରୁଟି ଖାଇଲେ।
(vi) ଅନ୍ୟମାନଙ୍କର ଦୁଃଖ ଦେଖି ଗୋପବନ୍ଧୁ କାନ୍ଦି ପକାଉଥିଲେ।
(vii) ଛାତ୍ରଛାତ୍ରୀମାନେ ଶିକ୍ଷାମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇପାରିଲେ ନାହିଁ।
(viii) ଫକୀରମୋହନଙ୍କ ପିଲାଦିନର ନାମ ଥିଲା ବ୍ରଜମୋହନ।

5. **निम्नलिखित अनुच्छेद को पढ़कर पूछे गये प्रश्नों के उत्तर दीजिए :** [2×5=10
इस उपदेश के बाद पिताजी ने आशीर्वाद दिया। वंशीधर आज्ञाकारी पुत्र थे। ये बातें ध्यान से सुनीं और घर से चल खड़े हुए। इस विस्तृत संसार में उनके लिए धैर्य अपना मित्र, बुद्धि अपनी पथ प्रदर्शक और आत्मबल ही उनका सहायक था। लेकिन अच्छे शकुन से चले थे, जाते ही नमक विभाग के दारोगा पद पर प्रतिष्ठित हो गए। वेतन अच्छा और ऊपरी आय का ठिकाना ही न था। खबर मिलते ही बृद्ध मुंशीजी फूल नहीं समाये। महाजन लोग कुछ नरम पड़े। कलदार की आशा लता फहराई। पड़ोसियों के हृदय में शूल उठने लगे।
(i) वंशीधर किस प्रकार के पुत्र थे ?
(ii) इस विस्तृत संसार में कौन उनका सहायक था ?
(iii) वृद्ध मुंशीजी क्यों फूले न समाये ?
(iv) वंशीधर किस पर प्रतिष्ठित हो गये ?
(v) पड़ोसियों के हृदय में क्या उठने लगे ?

**उत्तर : PART – I (OBJECTIVE)**

1. (क) व्यापारिक बातचीत शिष्ट और नपी-तुली होनी चाहिए।
(ख) रेलगाड़ी की रगड़-झगड़, चिकित्सालय की नोच-खसोट और कृपाशंकर की सहायता तथा शालीनता के बारे में सोचकर पं. चन्द्रधर को नींद नहीं आई।
(ग) स्वामीजी के अनुयायिों ने मानव-सेवा, ज्ञान तथा धर्म-प्रचार किया।
(घ) कौवे गमले के चारोंओर चोंचों से छूआ-छुऔबल जैसे खेल खेल रहे थे, वे वास्तव में गमले से चिपटे पड़े गिलहरी के बच्चे को खाने के लिए खोज रहे थे।
(ङ) लोगों के अनुसार जिंदगी में चार दिन की चाँदनी है और फिर अंधेरी रात है।

2. (क) भाषा (ख) म्युनिसिपल्टी में नौकर (ग) स्वामी विवेकानंद ने (घ) परदे पर चढ़ता-उतरता रहता था (ङ) अप्रैल १९३६ को

3. (क) साहित्य (ख) दस (ग) व्याकुल (घ) चमकीली (ङ) पहला

4. (क) कबीर ने सत्य को तप औ मिथ्या को पाप माना है।
(ख) मोहन की क्रोधपूर्ण बातें सुनकर माँ यशोदा कृष्ण को समझाने के लिए कहती हैं – बलभद्र चुगलखोर है। जन्म से धूर्त है। गोधन की सौंगध खाकर कहती हूँ कि तू मेरा पुत्र है, मैं तेरी माँ हूँ।
(ग) सुई और तलवार के उदारहरण देकर रहीम कहते हैं कि जहाँ सुई काम में आएगी वहीं तलवार कुछ नहीं कर सकेगी। इसलिए बड़ों को देखकर छोटशें की उपेक्षा नहीं करनी चाहिए।
(घ) तिनका पड़ने से कवि की आँख लाल होकर दुखने लगी।
(ङ) संशय का कुहासा छा जाने से क्षण भर भी विश्वास उत्पन्न नहीं होता।

5. (क) अपने मुँह पर (ख) हितकर (ग) मदांध (घ) आसमान में (ङ) भूमि को

6. (क) भीरुता (ख) भ्रमपूर्ण धारण (ग) इमली (घ) सामाजिक (ङ) रोशन ने किताब पढ़ी।

7. (क) रोएँ (ख) पंजा (ग) जीव (घ) अलावा (ङ) बहन / भाभी

8. (क) से (ख) निर (ग) आवना (घ) का (ङ) संबंध कारक

9. (क) नचाना (ख) धोना (ग) दीं (घ) लड़ना (ङ) रक्त की धारा बह चली

10. (क) भाववाचक संज्ञा (ख) नुकीला (ग) पढ़ाई (घ) बढ़ जाना (ङ) अन्यपुरुषवाचक सर्वनाम

**उत्तर : PART – II (SUBJECTIVE)**

1. (i) मनुष्य को मधुरवचन बोलना चाहिए। मधुर वचन के साथ अच्छी भावना और हृदय की स्वच्छता भी होनी चाहिए। वचन के अनुकूल कर्म करने से मनुष्य वंद्य बनता है।
(ii) लेखिका को चौंकाने की इच्छा गिल्लू में उत्पन्न हो गई थी। इसलिए वह कभी फूलदान के फूलों में छिप जाता, कभी परदे की चुन्नट में और सोनजुही की पत्तियों में छिप जाता था।
(iii) चोखेलाल की बिल्हौर में थोड़ी-सी जमीन थी। उसकी देखभाल के लिए साल में दो बार वे जाते थे। वे तहसील में लगान भी जमा करते थे।

2. (i) ऊपर की पंक्तियों में कवि रामधारी सिंह 'दिनकर' कहते हैं कि बेटे चाँद की एक कमीज सिला देने की बात सुनकर माँ ने कहा तू तो रोज घटता-बढ़ता है। फिर किसी भी दिन तू किसी को बिलकुल नहीं दिखाई देता। अब तू बता किस नाप से तेरे लिए झिंगोला बना दूँ जो तेरे शरीर को आवृत्त कर सके।
(ii) तुलसी जी के अनुसार मनुष्य के पास गोधन, गजधन, बाजिधन की तरह जितने भी धन हैं, ये सब धन मनुष्य को सुख शान्ति नहीं दे सकते। पर जब मन में सन्तोष धन आ जाता है, तब ये सारे धन धूल के बराबर मूल्यहीन हो जाते हैं।
(iii) राष्ट्र कवि मैथिलीशरण गुप्त कहते हैं कि धन-संपत्ति पाकर हमें गर्व नहीं करना चाहिए। कारण जीवन में धन-संपत्ति का महत्व नहीं। कारण इससे मन में अहंकार बढ़ता है। इस संसार में कोई अनाथ नहीं, दीनबंधु सभी पर कृपा करते हैं। इसलिए धन-संपत्ति के बल पर गर्व नहीं करना चाहिए।

3. (i) सेविका दूसरों की सेवा करती है।
(ii) भैंसा पानी पी रहा था।
(iii) अमेरिका में धर्मसभा होगी।
(iv) वचन के अनुकूल कर्म करना चाहिए।
(v) तुम्हारी सूरत भी नहीं देखी।

4. (i) मैंने कभी भी कोणार्क नहीं देखा है।
(ii) जंगल में तरह-तरह के जानवर रहते हैं।
(iii) किन्होंने नदी से मछलियाँ पकड़ीं ?
(iv) सैनिक जान देकर देश की रक्षा करते हैं।
(v) लड़कों ने रात में रोटियाँ खाईं।
(vi) दूसरों के दु:ख देखकर गोपबंधु रो पड़ते थे।
(vii) छात्र-छात्राएँ शिक्षामंत्री के प्रश्नों के उत्तर नहीं दे सके।
(viii) फकीरमोहन के बचपन का नाम ब्रजमोहन था।

5. (i) वंशीधर आज्ञाकारी पुत्र थे।
(ii) इस विस्तृत संसार में उनके लिए धैर्य अपना मित्र, बुद्धि अपनी पथ-प्रदर्शक और आत्मबल उनका सहायक था।
(iii) पुत्र वंशीधर को नमक विभाग के दारोगा पद पर नियुक्ति मिलने की खबर मिलते ही बृद्ध मुंशीजी फूले न समाये।
(iv) वंशीधर नमक विभाग के दारोगा पद पर प्रतिष्ठित हो गये।
(v) पड़ोसियों के हृदय में शूल उठने लगे।

### SANSKRIT

*Time: 2½ Hours* *Full Marks: 100*

*Candidates are required to write the answers in their own words as far as practicable.*
*(The figures in right hand margin indicate marks)*

**PART – I (OBJECTIVE)**

1. **अधोलिखितम् अनुच्छेदं पठित्वा निजभाषया शुद्धम् उत्तरं लिखत।** [1×5=5
पुरा ब्रह्मा आकाशं सूर्यं वारिदं पवनं भूदेवीं च समाहूय वरप्रार्थनाय आह । तच्छुत्वा आकाश: अवदत् ''प्रभो ! मम स्थिति: सर्वोपरि भवतु ।'' तत: सूर्य: आकाशं न्यूनतरं कर्त्तुं तस्य वक्षसि विचरणार्थमभिललाष । वारिदोऽपि ततोऽधिको भवितुं सूर्याच्छादनशक्तिम् अकामयत । पुनश्च वायु: एतत्सर्वं विलोक्य ब्रह्माणमुक्तवान् ''नाथ ! संप्रति वारिद: सर्वशक्तिमान् संजात: । अतस्तं डययितुं मे तादृशी शक्तिर्भवत: कृपयाऽस्तु । ब्रह्मा एतेषां प्रार्थनां पूरयित्वा अन्ते भूदेवीं पृष्टवान् – ''देवि ! तव या कामनाऽस्ति, नि:शङ्कं प्रकाशय ।'' भूदेवी सविनयमुवाच – ''विभो ! मम नास्ति तादृशी काचित् कामना, अत: यथा ते रोचते, भवान् प्रयच्छतु स्वीकरोमि ।'' तदा ब्रह्मा अवदत् – ''देवि ! तवोपरि जीवजगत् सृष्टं मया । एते जीवा: स्वार्थाय विविधैरुपायै: तव शरीरं खिन्नं भिन्नञ्च करिष्यन्ति । किं त्वमेतत्सर्वं सोढुं समर्था भविष्यसि ?'' भूदेवी उक्तवती – ''पित: ! तव प्रसादात् सर्वंसहाऽहम्, सर्वे जीवा: मे सन्ताना: । मातृत्वभावनाया: पुरत: काचित् पीड़ा न तथा बलीयसी । एतच्छुत्वा आकाश: सलज्जं छत्ररूपेण, सूर्य: प्रदीपभावेन च भूदेवीं सेवेते । वारिद: स्वधाराभि: मेदिनीं अभिषिञ्चति । वायु: धरित्र्या: अहर्निशं व्यजनं करोति । एवं सर्वंसहा भूदेवी सहनशक्त्या सर्वान् अतिक्रामति । अत: वक्तुमिदं शक्यते –
**सर्वंसहा सुमर्यादा भूदेवी पूजिता सदा ।**
**अहङ्कार: परित्याज्य: सहनं तु गुणो मत: ।।**
(i) ब्रह्मा आकाशं सूर्यं वारिदं पवनं भूदेवीं च आहूय किम् आह ?
(ii) सूर्य: आकाशं न्यूनतरं कर्त्तुं तस्य वक्षसि किम् अभिललाष ?
(iii) वारिदोऽपि ततोऽधिको भवितुं किम् अकामयत् ?
(iv) कस्या: पुरत: काचित् पीडा न तथा बलीयसी ?
(v) वायु: धरित्र्या: अहर्निशं किं करोति ?

2. **प्रदत्तवाक्येषु रेखाङ्कितपदानां सकारणं विभक्तिं लिखत।** [1×5=5
(i) इत्युक्त्वा गुरवे सर्वं भैक्ष्यं न्यवेदयत्।
(ii) माम। किमद्य त्वया नाहारवृत्ति: अनुष्ठीयते।
(iii) पर्यावरणमध्ये एतेषां ग्रहणं भवति।
(iv) महामानवा: अमरधाम्न: पृथिवीम् अवतरन्ति।
(v) कथमिव सम्पूर्णमपि मे मनोरथं नाभिनन्दामि।

3. **शुद्धं सन्धिविधानं विच्छेदं च कुरुत।** [1×5=5
(i) मह्यम् + एष: (ii) पुन: + अमरधाम
(iii) नाम + औषधि: (iv) अतश्च = (v) भिषङ्मित्रम् =

4. **रिक्तस्थाने शुद्धं समासनाम / समस्तपदं / व्यासवाक्यं लिखत।** [1×5=5
(i) स्वधर्मवर्त्ती = ______ = उपपद तत्पुरुष:
(ii) ______ = आर्यस्य पुत्र: = षष्ठी तत्पुरुष:
(iii) भद्रमयूर: = भद्र: मयूर: = ______
(iv) कल्याणार्थम् = ______ = नित्य
(v) ______ = समन्वितं रूपं यस्य तेन = बहुव्रीहि

5. **प्रदत्तवाक्येषु रेखाङ्कितपदानां भ्रमसंशोधनं कुरुत।** [1×5=5
(i) एकस्यपि विपर्यये सृष्टे: विनाश: अवश्यम्भावी
(ii) रामकृष्णपरमहंसाय तस्य परमविश्वासो जात:
(iii) कृष्ण: दैत्यानां घातुक:
(iv) मातयां भक्तिं कुरु।
(v) तव कर्मे अधिकार: अस्ति।

6. **एकपदेन स्त्रीप्रत्ययरूपं लिखत।** [1×5=5
(i) चपलस्य स्त्री (ii) गौरस्य स्त्री (iii) विभ्यत्-स्त्रीलिंगे
(iv) सम स्त्रीलिंगे (v) सूर्यस्य देवी स्त्री

7. **अधोलिखितानि पदानि व्यवहृत्य पृथक् वाक्यानि रचयत।** [1×5=5
(i) केशेषु (ii) स्मरामि (iii) चतु: (iv) अन्य: (v) स्वधा

8. **शून्यस्थाने शुद्धं प्रकृतिं/प्रत्ययं लिखत।** [1×5=5
(i) प्रतीक्षित: = प्रति + ______ + क्त।
(ii) प्राप्तव्यम् = प्र + आप् + ______
(iii) निधातुम् = नि + ______ + तुमुन्
(iv) दमनम् = दम् + ______
(v) उक्ता = ______ + क्त

9. **प्रदत्तवाक्येषु रेखाङ्कितपदानां मातृभाषया अर्थं लिखत।** [1×5=5
(i) नित्यश: अतीव वात:। (ii) तर्कोऽप्रतिष्ठ:।
(iii) कुत्र वामे अम्बा ?
(iv) अतीव मेधाविनस्तस्य स्मृति: नितरां प्रखरा आसीत्।
(v) तदलं सम्भ्रमेण।

10. **प्रदत्तवाक्येषु रेखाङ्कितपदानि आधृत्य प्रश्ननिर्माणं कुरुत।** [1×5=5
(i) वयं सर्वे सोत्सुका: तिष्ठाम:।
(ii) शिष्यै: सार्द्धमरण्यं गत्वा तम् आहूतवान्।
(iii) भौतिक जैविक भेदेन पर्यावरणं द्विविधम्।
(iv) रामकृष्णपरमहंसे विवेकानन्दस्य पूर्णविश्वास: जात:।
(v) अनेनै च क्रीडिष्यामि।

**PART – II (SUBJECTIVE)**

11. **निजभाषया वाक्यत्रयेण प्रश्नद्वयस्य उत्तरं लिखत:** [5×2=10
(क) बालकस्य पितुर्नाम तापसी कथं वक्तुं नैच्छत् ?
**अथवा,** विवेकानंद: किमर्थं रामकृष्णं गुरुरूपेण स्वीकृतवान् ?
(ख) वायुसंशोधने वृक्षाणां भूमिका कीदृशी भवति ?
**अथवा,** उपमन्यु: सर्वं भैक्ष्यं किमर्थं गुरवे न्यवेदयत् ?

12. निजभाषया वाक्यत्रयेण प्रश्नद्वयस्य उत्तरं लिखत: [5×2=10
(क) ''काकुस्थ ! मां वनं नेतुमर्हसि'' इति सीता कथम् उक्तवती ?
**अथवा,** वेपमानासीता कीदृशं पतिम् अपश्यत् ?
(ख) पुरुष-राष्ट्र-श्राद्ध-यज्ञ एते कथं मृता: भवन्ति ?
**अथवा,** युधिष्ठिरमतेन क: पन्था: भवति ?

13. **निजभाषया संक्षेपेण उत्तरं लिखत :** [2×5=10
(क) आत्मगत्या केषाम् इदं स्थानं न प्राप्तव्यम् ?
(ख) विवेकानन्द: आमेरिकायां किमिति विषयमनुसृत्य भाषणं दत्तवान् ?
(ग) वायुमण्डलस्य कां अग्नि: नाशयति ?
(घ) कीदृश: बक: मत्स्यान् व्यापादयितुम् असमर्थ: आसीत् ?
(ङ) कदा गुरु: अन्यान् शिष्यान् अवदत् ?

14. **निजभाषया संक्षेपेण उत्तरं लिखत :** [2×5=10
(क) अहनि अहनि कानि यमालयं गच्छन्ति ?
(ख) क: पण्डित: ज्ञेय: ?
(ग) क: शम: प्रकीर्त्तित: ?
(घ) हे शुभश्रोणि ! का आरभस्व इति रामेण उक्तम् ?
(ङ) चदुर्दशवर्षाणि रामेण कुत्र वस्तव्यम् ?

15. **अधोलिखितवाक्येषु पञ्चानां वाक्यानां संस्कृतभाषया अनुवादं कुरुत :** [2×5=10
(କ) ଗତକାଲି ବର୍ଷା ହୋଇଥିଲା।
(ଖ) ଦୁଷ୍ଟ ସହ କଳିକରିବା ଅନୁଚିତ।
(ଗ) ସମସ୍ତେ ଧାଡ଼ିରେ ଟିକେଟ୍ କିଣୁଛନ୍ତି।
(ଘ) ତୁମକୁ ମୁଁ ଈର୍ଷ୍ୟା କରେ ନାହିଁ।
(ଙ) ରାମ ପିଲାଦିନରୁ ସତ୍ୟନିଷ୍ଠ ଥିଲେ।
(ଚ) ଆମ୍ଭେମାନେ ଅତୀତକୁ ସ୍ମରଣକରିବା।
(ଛ) ଶଙ୍କର ଜଗନ୍ନାଥଙ୍କୁ ଭକ୍ତି କରୁଥିଲେ।
(ଜ) ମୁଁ କହୁକହୁ ସେ ଶୋଇପଡ଼ିଲା।

**ଉତ୍ତର: PART – I (OBJECTIVE)**

1. (i) ବରପ୍ରାର୍ଥନା ପାଇଁ (ii) ବିଚରଣ ପାଇଁ
(iii) ସୂର୍ଯ୍ୟଛାଦାନଶକ୍ତିକୁ (iv) ମାତୃତ୍ୱ ଭାବନାର (v) ବିଞ୍ଚେ

2. (i) ନିବେଦନାର୍ଥେ ୪ର୍ଥୀ (ii) ଉକ୍ତେ କର୍ମଣୀ ୧ମା
(iii) ଅଧିକରଣେ ୭ମୀ (iv) ଅପାଦାନେ ୫ମୀ (v) କର୍ମଣୀ ୨ୟା

3. (i) ମହ୍ୟମେଷଃ (ii) ପୁନରମରଧାମ (iii) ନାମୌଷଧିଃ
(iv) ଅତଃ + ଚ (v) ଭିଷକ୍ + ମିତ୍ରମ୍

4. (i) ସ୍ୱଧର୍ମେ ବର୍ତ୍ତତେ ଇତି (ii) ଆର୍ଯ୍ୟପୁତ୍ରଃ (iii) କର୍ମଧାରୟଃ
(iv) କଲ୍ୟାଣୟ ଇଦମ୍ (v) ସମନ୍ୱିତରୂପେଣ

5. (i) ଏକସ୍ୟାପି (ii) ରାମକୃଷ୍ଣ ପରମହଂସେ (iii) ଦୈତ୍ୟାନ୍
(iv) ମାତରି (v) କର୍ମଣି

6. (i) ଚପଳା (ii) ଗୌରୀ (iii) ବିଭ୍ୟତୀ (iv) ସମା (v) ସୂର୍ଯ୍ୟା

7. (i) ବ୍ୟାଧଃ କେଶେଷୁ ଚମରୀଂ ହନ୍ତି।
(ii) ଅହଂ ମାତରଂ / ମାତୁଃ ସ୍ମରାମି।
(iii) ରାମଃ ବର୍ଷସ୍ୟ ଚତୁଃ କର୍ଣ୍ଣାଟକଂ ଗଛତି।
(iv) ଈଶ୍ୱରାତ୍ ଅନ୍ୟଃ କଃ ଅସ୍ତି।
(v) ପିତୃଭ୍ୟଃ ସ୍ୱଧା।

8. (i) ଈକ୍ଷ (ii) ତବ୍ୟ (iii) ଧା (iv) ଲ୍ୟୁଟ୍ (v) ବଚ୍

9. (i) ପ୍ରତିଦିନ (ii) ଅପ୍ରମାଣିତ (iii) ମା (iv) ସ୍ମରଣଶକ୍ତି
(v) ବ୍ୟସ୍ତହେବା

10. (i) ବୟଂ ସର୍ବେ କୀଦୃଶାଃ ତିଷ୍ଠାମଃ ?
(ii) ଶିଷ୍ୟୈଃ ସାର୍ଦ୍ଧଂ କୁତ୍ର ଗତ୍ୱା ତମ୍ ଆହୂତବାନ୍ ?
(iii) ଭୌତିକ ଜୈବିକ ଭେଦେନ ପର୍ଯ୍ୟାବରଣଂ କତିବିଧମ୍ ?
(iv) ରାମକୃଷ୍ଣ ପରମହଂସେ ବିବେକାନନ୍ଦସ୍ୟ କଃ ଜାତଃ ?
(v) କେନ ଏବ ଚ କ୍ରୀଡ଼ିଷ୍ୟାମି ?

**ଉତ୍ତର: PART – II (SUBJECTIVE)**

11.(क) ସର୍ବଦମନର ଦୁଷ୍ଟାମୀକୁ ନିବାରଣ କରିବାପାଇଁ ନିକଟସ୍ଥ ରାଜାଙ୍କୁ ତାପସୀଟି ନିବେଦନ କରିଥିଲା। ରାଜା ହେ ଋଷିପୁତ୍ର ! ଏପରି ଆଶ୍ରମ ମର୍ଯ୍ୟାଦାହାନି କାହିଁକି କରୁଛ ବୋଲି କହିବାରୁ ତାପସୀଟି ଏ ଋଷିକୁମାର କି ମୁନିକୁମାର ନୁହେଁ ବୋଲି ଜଣାଇଲା। ପରନ୍ତୁ ରାଜା ଏହାର ବଂଶ ପରିଚୟ ପଚାରିବାରୁ ପୁରୁବଂଶ ବୋଲି ତାପସୀ କହିଥିଲା ଏବଂ ଧର୍ମପତ୍ନୀକୁ ତ୍ୟାଗ କରିଥିବା ବ୍ୟକ୍ତିର ନାମ ଉଚ୍ଚାରଣ ନ କରିବାକୁ ଜଣାଇଲା।
**अथवा,** ବିବେକାନନ୍ଦ ବାଲ୍ୟକାଳରୁ ଈଶ୍ୱରବିଶ୍ୱାସୀ, ଜ୍ଞାନପିପାସୁ ତଥା ଈଶ୍ୱର ଜିଜ୍ଞାସୁ ଥିଲେ। ଈଶ୍ୱରାନୁସନ୍ଧାନରେ ବ୍ୟାକୁଳ ହୋଇ ରାମକୃଷ୍ଣ-ପରମହଂସଙ୍କ ନିକଟରେ ପହଞ୍ଚି ପଚାରିଲେ, ''ଆପଣ ଭଗବାନଙ୍କୁ ଦେଖିଛନ୍ତି କି ? ମୋତେ ଦେଖାଇ ପାରିବେ ତ ?'' ରାମକୃଷ୍ଣ ତାଙ୍କୁ ଉତ୍ତର ଦେଇଥିଲେ, ''ହଁ ମୁଁ ଦେଖିଛି ଯେପରି ତୁମକୁ ଦେଖୁଛି।'' ଏହାପରେ ରାମକୃଷ୍ଣଙ୍କ ପ୍ରତି ତାଙ୍କର ପୂର୍ଣ୍ଣବିଶ୍ୱାସ ହେଲା ଓ ସେ ତାଙ୍କୁ ଗୁରୁରୂପେ ଗ୍ରହଣକଲେ।
(ख) ବାୟୁମଣ୍ଡଳରୁ ବିଷାକ୍ତ ଅଙ୍ଗାରକାମ୍ଳ ଗ୍ରହଣ କରି ବୃକ୍ଷ ପ୍ରାଣବାୟୁ ଅମ୍ଳଜାନକୁ ଛାଡ଼ିଥାଏ। ପୁନଶ୍ଚ ନିଜର ପତ୍ର ମାଧ୍ୟମରେ ରଶ୍ମିପ୍ରତିପାଳନ ପ୍ରକ୍ରିୟାରେ ଖାଦ୍ୟ ପ୍ରସ୍ତୁତ କରିଥାଏ। ଏଣୁ ବାୟୁ ସଂଶୋଧନ କ୍ଷେତ୍ରରେ ବୃକ୍ଷମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ।
**अथवा,** ଗୋଚାରଣ ପରେ ସଂଧ୍ୟାରେ ଗୁରୁଙ୍କୁ ପ୍ରଣାମ କରୁଥିବା ଉପମନ୍ୟୁଙ୍କୁ ଗୁରୁ ଜୀବିକା ନିର୍ବାହ ବିଷୟରେ ପଚାରିଲେ। ଉପମନ୍ୟୁ ଭିକ୍ଷାଦ୍ୱାରା କ୍ଷୁଧା ନିବାରଣ କରୁଥିବାର ଜଣାଇବାରୁ ଗୁରୁଙ୍କୁ ସମର୍ପଣ ବିନା ଭିକ୍ଷାଗ୍ରହଣ ଅଯୁକ୍ତିକର ବୋଲି ଗୁରୁ କହିଥିଲେ। ତେଣୁ ଉପମନ୍ୟୁ ସମସ୍ତ ଭିକ୍ଷାଦ୍ରବ୍ୟ ଗୁରୁଙ୍କୁ ସମର୍ପଣ କରିଥିଲେ।

12.(क) ସୀତା ସ୍ୱାମୀଙ୍କୁ ଜଣାଉଛନ୍ତି ଯେ ହେ ରାମ ! ପତ୍ନୀଭାବେ ମୁଁ ଆପଣଙ୍କ ସୁଖଦୁଃଖରେ ସମଭାଗିନୀ। ସୁଖ-ଦୁଃଖକୁ ସମାନ ରୂପେ ମଧ୍ୟ ଗ୍ରହଣ କରୁଅଛି। ଆପଣଙ୍କ ବିଚ୍ଛେଦ ରୂପକ ଦୁଃଖ ଆଶଙ୍କାରେ ଦୀନ ଅବସ୍ଥାକୁ ପ୍ରାପ୍ତ ହୋଇଥିବା ଏହି ପତ୍ନୀକୁ ଆପଣ ବନକୁ ନେବାପାଇଁ ଯୋଗ୍ୟ ଅଟନ୍ତି।
**अथवा,** ଚିନ୍ତିତ ଅବସ୍ଥାରେ ନିଜର ପ୍ରକୋଷ୍ଠକୁ ପ୍ରବେଶ କରୁଥିବା ସ୍ୱାମୀଙ୍କୁ ସୀତା ଦେଖିଲେ। ତେଣୁ ଆଶଙ୍କାରେ ଥରିଥରି ସ୍ୱାମୀଙ୍କ ନିକଟରେ ପହଞ୍ଚିଲେ। ଶୋକରେ ସନ୍ତପ୍ତ ତଥା ବିଚଳିତ ହୋଇଥିବା ସ୍ୱାମୀଙ୍କୁ ଦେଖି ସେ ବିବ୍ରତ ହୋଇଗଲେ।
(ख) ଧନହୀନ ବ୍ୟକ୍ତି ମୃତ ସହ ସମାନ ଅଟେ। ଉପଯୁକ୍ତ ଶାସକଙ୍କ ଅଭାବରେ ରାଜ୍ୟଟି ନଷ୍ଟ ହୋଇ ମୃତ୍ୟୁତୁଲ୍ୟ ହୋଇଯାଏ। ବେଦଜ୍ଞ ବ୍ରାହ୍ମଣ ବ୍ୟତୀତ ପିତୃପୁରୁଷଙ୍କୁ ସମର୍ପଣ କରାଯାଉଥିବା ଶ୍ରାଦ୍ଧ ଓ ଯଜ୍ଞ ସମାପନରେ ବ୍ରାହ୍ମଣମାନଙ୍କୁ ଉପଯୁକ୍ତ ଭାବେ ପ୍ରଦାନ କରା ନ ଯାଉଥିବା ଦକ୍ଷିଣା କାର୍ଯ୍ୟ ସଫଳତା ପ୍ରଦାନ ନ କରି ନିଷ୍ଫଳ ହୋଇଥାଏ। ଯାହା ମୃତ ସହ ସମାନ ଅଟେ।
**अथवा,** ଯୁଧିଷ୍ଠିରଙ୍କ ମତରେ ଏହି ସଂସାରରେ ତାର୍କିକମାନଙ୍କ ତର୍କ ଅପ୍ରମାଣିତ। ବେଦାଦି ଶାସ୍ତ୍ର ଭିନ୍ନଭିନ୍ନ ମତପ୍ରଦାନ କରିଥାନ୍ତି। ଏପରି ଏକ ମୁନି ନାହାନ୍ତି ଯାହାଙ୍କ ମତକୁ ସମସ୍ତେ ମାନିବାକୁ ବାଧ୍ୟ ଅଟନ୍ତି। ଧର୍ମର ତତ୍ତ୍ୱ ଶାସ୍ତ୍ରରୂପକ ଗୁମ୍ଫାରେ ଲୁକ୍କାୟିତ। ଏଣୁ ମହତ୍ ଲୋକମାନେ ଯେଉଁ ବାଟରେ ଯାଇଥାନ୍ତି ତାହାହିଁ ପ୍ରକୃତ ମାର୍ଗ ଅଟେ।

13.(क) ଆତ୍ମଗତ୍ୟା ମନୁଷ୍ୟାଣାମ୍ ଇଦଂ ସ୍ଥାନଂ ନ ପ୍ରାପ୍ତବ୍ୟମ୍। / ନିଜ ଇଚ୍ଛାରେ ମନୁଷ୍ୟମାନଙ୍କର ଏହି ସ୍ଥାନରେ ପହଞ୍ଚିବା ସହଜ ନୁହେଁ।
(ख) ବିବେକାନନ୍ଦଃ ଆମେରିକାୟାଂ ''ବସୁଧୈବକୁଟୁମ୍ବକମ୍'' ଇତି ବିଷୟମ୍ ଅନୁସୃତ୍ୟ ଭାଷଣଂ ଦତ୍ତବାନ୍। / ବିବେକାନନ୍ଦ ଆମେରିକାରେ ''ସମଗ୍ର ବିଶ୍ୱ ଆମର ପରିବାର'' ଏହି ବିଷୟକୁ ଆଧାର କରି ଭାଷଣ ଦେଇଥିଲେ।
(ग) ବାୟୁମଣ୍ଡଳସ୍ୟ ବିଷକ୍ରିୟାମ୍ ଅଗ୍ନିଃ ନାଶୟତି। / ବାୟୁମଣ୍ଡଳର ବିଷକ୍ରିୟାକୁ ଅଗ୍ନି ନାଶକରେ।
(घ) ବୃଦ୍ଧଭାବମୁପାଗତଃ ବକଃ ମତ୍ସ୍ୟାନ୍ ବ୍ୟାପାଦୟିତୁମ୍ ଅସମର୍ଥଃ ଆସୀତ୍। / ବୁଢ଼ା ହୋଇଥିବା ବଗ ମାଛମାନଙ୍କୁ ମାରିବାକୁ ସମର୍ଥ ନ ଥିଲା।
(ङ) ସୂର୍ଯ୍ୟେ ଅସ୍ତଂ ଗତେ ଗୁରୁଃ ଅନ୍ୟାନ୍ ଶିଷ୍ୟାନ୍ ଅବଦତ୍। / ସନ୍ଧ୍ୟା ହେଲାପରେ ଗୁରୁ ଅନ୍ୟ ଶିଷ୍ୟମାନଙ୍କୁ କହିଲେ।

14. (क) ଅହନି ଅହନି ଭୂତାନି ଯମାଳୟଂ ଗଛନ୍ତି। / ପ୍ରତିଦିନ ପ୍ରାଣୀମାନେ ମୃତ୍ୟୁଲୋକକୁ ଯାଉଛନ୍ତି।
(ख) ଧର୍ମଜ୍ଞଃ ପଣ୍ଡିତଃ ଜ୍ଞେୟଃ। / ଧର୍ମ ଜାଣିଥିବା ଲୋକ ପଣ୍ଡିତ ଅଟନ୍ତି।
(ग) ଚିତ୍ତପ୍ରଶାନ୍ତତା ଶମଃ। / ମନର ଶାନ୍ତି ବାସ୍ତବ ଶାନ୍ତି ଅଟେ।
(घ) ହେ ଶୁଭଶ୍ରୋଣି ! ବନବାସକ୍ଷମ କ୍ରିୟା ଆରଭସ୍ୱ। / ହେ ସୀତେ ! ବନବାସ ଯୋଗ୍ୟା କାର୍ଯ୍ୟ ଆରମ୍ଭ କର।
(ङ) ଚତୁର୍ଦ୍ଦଶବର୍ଷାଣି ରାମେଣ ଦଣ୍ଡକେ ବସ୍ତବ୍ୟମ୍। / ଚଉଦବର୍ଷ ପର୍ଯ୍ୟନ୍ତ ରାମ ବନବାସ କରିବେ।

15.(କ) ହ୍ୟଃ ବୃଷ୍ଟିଃ ଅଭବତ୍।
(ଖ) ଦୁଷ୍ଟେନ ସହ କଳହମ୍ ଅନୁଚିତମ୍/କଳହଂ ନ କୁର୍ଯାତ୍।
(ଗ) ସର୍ବେ ପଂକ୍ତ୍ୟା ଚେଟିକାଂ କ୍ରୀଣନ୍ତି।
(ଘ) ଅହଂ ତୁଭ୍ୟଂ ନ ଈର୍ଷ୍ୟାମି।
(ଙ) ରାମଃ ବାଲ୍ୟାତ୍ ସତ୍ୟନିଷ୍ଠଃ ଆସୀତ୍।
(ଚ) ବୟମ୍ ଅତୀତଂ ସ୍ମରିଷ୍ୟାମଃ।
(ଛ) ଶଙ୍କରଃ ଜଗନ୍ନାଥେ ଭକ୍ତିମ୍ ଅକରୋତ୍।
(ଜ) ମୟି ବଦତି ସଃ ଅଶେତ।

## ସଂକ୍ଷେପରେ

### ୫ ଫେରାର୍ ଅଭିଯୁକ୍ତ ଗିରଫ

ପାଟପୁର,୫।୨-ପାଟପୁର ପୋଲିସ ମଙ୍ଗଳବାର ରାତିରେ ୫ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ମାଟିଆଚୋରେଇ ଗ୍ରାମର ଡି.ମାଧବ ରେଡ୍ଡୀ, ଚେରୁମୁଲି, ସୁରେନ୍ଦ୍ର ଡାକୁଆ, ବୁଡୁ ଜେନା ଓ ଚିନ୍ତାଖାଲି ଗ୍ରାମର ତାରକେଶୁ ଦୋରା। ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅଜୟ୍ କୁମାର ବାରିକ କହିଛନ୍ତି। ବିଭିନ୍ନ ଫୌଜଦାରି ମାମଲାରେ ସମ୍ପୃକ୍ତ ଥାଇ ଅଦାଲତରେ ହାଜର ହେଉ ନ ଥିବା ଯୋଗୁ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ଜାମିନବିହୀନ ଗିରଫ ଫରୱନା ବଳରେ ଅଭିଯୁକ୍ତଙ୍କୁ ପୋଲିସ ଧରିଛି।

### ରାମଚରିତ ମାନସ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଉଦ୍‌ଯାପିତ

ହିଞ୍ଜିଳିକାଟୁ, ୫।୨(ଡି.ଏନ୍.ଏ.)- ହିଞ୍ଜିଳି ଗ୍ରାମ ଗୋପୀନାଥ ମଣ୍ଡପ ପ୍ରାଙ୍ଗଣରେ ରବିବାରରୁ ଆରମ୍ଭ ହୋଇଥିବା ତ୍ରି ଦିନାତ୍ମକ ରାମଚରିତ ମାନସ ସତ୍‌ସଙ୍ଗ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ଋଷୀକେଶ, ହିମାଳୟର ଆଚାର୍ଯ୍ୟ ସ୍ୱାମୀ ଆନନ୍ଦମ୍ୟପାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରତ୍ୟହ ସନ୍ଧ୍ୟା ୭ରୁ ୯ଟା ପର୍ଯ୍ୟନ୍ତ ରାମଙ୍କ ଅମୃତବାଣୀ ଶୁଣାଇଥିଲେ। ଏଥିପାଇଁ ସ୍ଥାନୀୟ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳର ବହୁ ଭକ୍ତ ଅଂଶଗ୍ରହଣ କରିଥିଲେ। ହିଞ୍ଜିଳିକାଟୁ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତମ କୁମାର ସାହୁ, ଦେବାନନ୍ଦ ମହାପାତ୍ର, ଲକ୍ଷ୍ମୀ ନାରାୟଣ ପଣ୍ଡାଙ୍କ ସମେତ ସଂଘର ବହୁ ଭକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅର୍ଥ ବ୍ୟବସ୍ଥାର ସଙ୍କଟ, ପ୍ରତିକାର ସମ୍ପର୍କିତ ପାଠଚକ୍ର

ବୁଗୁଡ଼ା,୫।୨(ଡି.ଏନ.ଏ.)-ବୁଗୁଡ଼ା ପିପୁଲ୍ସ କଲେଜର ଅର୍ଥନୀତି ବିଭାଗ ପକ୍ଷରୁ ସାମ୍ପ୍ରତିକ ଅର୍ଥ ବ୍ୟବସ୍ଥା ସଙ୍କଟର କାରଣ ଓ ତା'ର ପ୍ରତିକାର ଶୀର୍ଷକ ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷ ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶରଣକୁଳ କଲେଜର ଅର୍ଥଶାସ୍ତ୍ର ଅଧାପକ ପୀତବାସ ବିଶ୍ୱାଳ, ବିଭାଗୀୟ ମୁଖ୍ୟ ଅଜୟ୍ କୁମାର ସାହୁ, ଅଧାପକ ଅନିଲ ସେଠୀ, ଅଧାପିକା ଇ.ସନ୍ତୋଷୀ ରାଜୁ ପ୍ରମୁଖ ଯୋଗଦେଇ ଅର୍ଥ ବ୍ୟବସ୍ଥାର ସଙ୍କଟର କାରଣ ଓ ତାର ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। ଅନୀତା ଦେବୀ, ରବୀନ୍ଦ୍ର ପଲାଇ, ବିନୋଦ କୁମାର କର ପ୍ରମୁଖ ଅନ୍ୟାନ୍ୟ ଅଧାପିକା ଅଧାପକମାନେ ମଧ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏଥିସହ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨୦୨୫ ସୁଦ୍ଧା ଓଡ଼ିଶା ହେବ ଶିଶୁ ଶ୍ରମିକ ମୁକ୍ତ

**ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ଗଞ୍ଜାମ ଗସ୍ତ**

**ଛତ୍ରପୁର,୫।୨(ଡି.ଏନ.ଏ)**

୨୦୨୫ ସୁଦ୍ଧା ଓଡିଶା ରାଜ୍ୟ ହେବ ଶିଶୁ ଶ୍ରମିକମୁକ୍ତ । ଏପରି କିଛି ଯୋଜନା ସରକାର ଲାଗୁ କରିଛନ୍ତି। ବୁଧବାର ଛତ୍ରପୁରସ୍ଥିତ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ଏହି ସୂଚନା ଦେଇଛନ୍ତି। ଶିଶୁର ଶୈଶବ କିପରି ସୁରକ୍ଷିତ ରହିବ ସେ ଦିଗରେ ଏପରି କିଛି ପ୍ରୟାସ ଚାଲିଛି । ଆର୍ଥିକ ଅନଗ୍ରସର ମାତାପିତାମାନେ ନିଜର ସନ୍ତାନଙ୍କୁ ପାଠ ପଢାଇବା ବଦଳରେ ବଳପୂର୍ବକ କାମରେ ଲଗାଉଛନ୍ତି। ସାରା ବିଶ୍ୱରେ ଶିଶୁ ଶ୍ରମିକ ନିର୍ଯାତିତ ହେଉଛନ୍ତି। ଏହି ବେଆଇନ୍ କାର୍ଯ୍ୟ ବିରୋଧରେ ଜନସଚେତନତା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ସୁରକ୍ଷା ଆୟୋଗ, ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଏ ସମ୍ପର୍କରେ ଜନପ୍ରତିନିଧି, ସରକାରୀ ଓ ବେସରକାରୀ ସଂସ୍ଥାର



ଆୟୋଗ ଅଧକ୍ଷା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ କରିବେ । ଖବରଦାତା ସମ୍ମିଳନୀ ପରେ ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ କକ୍ଷରେ ଜନପ୍ରତିନିଧି, ପୋଲିସ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଶିଶୁ ଶ୍ରମିକ କିପରି ରୋକାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା । ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ସୁରକ୍ଷା ଆୟୋଗର ସଭ୍ୟ ହରିହର ନାୟକ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଉପାଧକ୍ଷା ସ୍ନେହଲତା ପଣ୍ଡା, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଡୁଡା ପିଡି ସୁଦାମ ଚରଣ ମଣ୍ଡଳ, ଡ. ଗୀତାରାଣି ବସ୍ତିଆ , ବ୍ରହ୍ମପୁର ଶ୍ରମ କମିଶନର ଦିପ୍ତୀ ରଞ୍ଜନ ମହାନ୍ତି, ଛତ୍ରପୁର ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ବ୍ରହ୍ମପୁର ଜିଲା ଶ୍ରମ ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

# କରଞ୍ଜେଇ ପୀଠ ସମନ୍ୱୟ ସମିତିର ବୈଠକ

**ଶେରଗଡ,୫।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ କରଞ୍ଜେଇ ପୀଠରେ ଉକ୍ତ ପୀଠ ସମନ୍ୱୟ ସମିତିର ବୈଠକ ବୁଧବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ସୁରଞ୍ଜନ କୁମାର ସାହୁ ଅଧକ୍ଷତା କରିଥିଲେ। ଆସିକା ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବିଜେଡି ନେତା ମାଧବାନନ୍ଦ ପଣ୍ଡା, ହୀନ


ମନ୍ଦିର ଉନ୍ନୟନ ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ସଭ୍ୟ।

ବେହେରା, ନରେନ୍ଦ୍ରପୁର ସରପଞ୍ଚ ବିନୋଦ ବେହେରା, ଦିପୁ ପାତ୍ର, ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ବିପିନ ବିହାରି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିରକୁ ପର୍ଯ୍ୟଟକ ମାନଙ୍କୁ ଆକର୍ଷଣ କରିବା ନେଇ ବିଭିନ୍ନ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ଏଥିସହ ପାଚେରୀ ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, କୋଠରି ଗୁଡିକର ମରାମତି, ମନ୍ଦିର ପାର୍ଶ୍ୱରେ ପାର୍କ ନିର୍ମାଣ, ଉପଯୁକ୍ତ ଆଲୋକ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ପ୍ରତିମାସରେ ବୈଠକ ଡକାଇ ମନ୍ଦିରର ବିକାଶ ଦିଗରେ ଆଲୋଚନା କରିବାକୁ ସ୍ଥିର ହୋଇଛି।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ଚିକିଟି,୫।୨(ଡି.ଏନ.ଏ.)**

ଚିକିଟି ଫାଣ୍ଡି ନୂଆପଡା ଗ୍ରାମର ବି.ସୋମେଶ୍ୱରଙ୍କ ଘରୁ ମଙ୍ଗଳବାର ମଧରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଛନ୍ତି। ବି.ସୋମେଶ୍ୱର ତାଙ୍କ ପରିବାର ସହ ଏକ ଗ୍ରାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ରାତିରେ ବି.ସୋମେଶ୍ୱରଙ୍କ ଘରବାଡି ପଟୁ କବାଟ ଭାଙ୍ଗି ଆଲମିଲାରୁ ପ୍ରାୟ ୩ ତୁଳା ସୁନାର ଅଳଙ୍କାର, ୨ କେଜି ରୁପାର ସାମଗ୍ରୀ, ୪୦ ହଜାର ଟଙ୍କା ଲୁଟିନେଇ ଚମ୍ପଟ ମାରିଛନ୍ତି। ଏହିଭଳି ୩ ବର୍ଷ ମଧରେ ୧୦ରୁ ଊର୍ଦ୍ଧ୍ୱ ଛୋଟ ବଡ ଲୁଟ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ପୋଲିସ ଲୁଟେରାମାନଙ୍କୁ ଧରିବାରେ ବିଫଳ ହୋଇଛି। ଏଣୁ ରାତ୍ରି ପାଟ୍ରୋଲିଂର ଅଭାବ ହେତୁ ଚୋରି ବଢୁଥିବା କୁହାଯାଇଛି। ଏନେଇ ନୂଆପଡା ଫାଣ୍ଡି ଅଧିକାରୀ କେ ସି ବେହେରାଙ୍କୁ ପଚାରିବାରୁ ବି.ସୋମେଶ୍ୱରଙ୍କ ପୁତ୍ର ବି.ବଦ୍ରୀ ନାରାୟଣଙ୍କ ପକ୍ଷରୁ ଏତଲା ପାଇ ଉକ୍ତ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

### ରଣ୍ଢା ଗ୍ରାମରେ ବାର୍‌ହା ଉପଦ୍ରବ, ଫସଲ ନଷ୍ଟ

**କନିଷି,୫।୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଢା ଗ୍ରାମର ଆଖପାଖ ଅଞ୍ଚଳରେ ବହୁଦିନ ହେଲା ବାର୍ହା ପଲ ଚାଷୀମାନଙ୍କ ବିଭିନ୍ନ ପରିବା ଫସଲ ନଷ୍ଟ କରୁଛନ୍ତି। ପ୍ରତ୍ୟେକ ଦିନ ରାତିରେ ପଲ ପଲ ହୋଇ ବାର୍ହା ଜମିରେ ପଶୁଛନ୍ତି। ଚାଷୀମାନେ ଋଣ କରି ଫସଲ କରିଥିବା ବେଳେ ଏହା ନଷ୍ଟ ହୋଇଯିବାରୁ ଋଣ ଟଙ୍କା ଶୁଝିବା ପାଇଁ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ କେରାଣ୍ଡି ମାଳ ଜଙ୍ଗଲରୁ ହାତୀ ଆସି ଖଳାରେ ରଖିଥିବା ଧାନ ଫସଲ ଫୋପାଡ଼ି ଖାଇ ନଷ୍ଟ କରି ଦେଉଛନ୍ତି। ଏଥିପ୍ରତି ବନ ବିଭାଗ କିମ୍ବା ରାଜସ୍ୱ ବିଭାଗ ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ବିଜୁ ଯୁବବାହିନୀ ପକ୍ଷରୁ ସଫେଇ ଅଭିଯାନ



ସଫେଇ ଅଭିଯାନରେ ଯୋଗଦେଇଥିବା ବିଡିଓ ଓ ଅନ୍ୟମାନେ।

ଶେରଗଡ,୫।୨(ଡି.ଏନ୍.ଏ.)– ଶେରଗଡ ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ବୁଧବାର ପିତଳ ନିକଟସ୍ଥ କରଞ୍ଜେଇ ପୀଠରେ ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ସୁରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ବିଜୁ ଯୁବବାହିନୀ ସଂଯୋଜକ ଆଲୋକ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ କରଞ୍ଜେଇ ପୀଠରେ ସକାଳ ୬ ଟାରେ ସଫେଇ କରାଯାଇଥିଲା। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିନାୟକ ପଣ୍ଡା, ଧବଳପୁର ସରପଞ୍ଚ ପ୍ରମୋଦ ଚନ୍ଦ୍ର ପ୍ରଧାନ, ଗ୍ରାମସେବକ ସରୋଜ କୁମାର ଦାଶ, ରାଜସ୍ୱ ନିରୀକ୍ଷକ ସୁଧାଂଶୁ ମୋହନ ପାଣିଗ୍ରାହୀଙ୍କ ସମେତ ବହୁ ଯୁବ ବାହିନୀର କର୍ମକର୍ତ୍ତା ସାମିଲ ହୋଇଥିଲେ।

# ମହିଳା ସଶକ୍ତୀକରଣ ତାଲିମ ଶିବିର

**ଦିଗପହଣ୍ଡି,୫।୨(ଡି.ଏନ.ଏ.)**

ଦିଗପହଣ୍ଡି ବଜାର ନିୟନ୍ତ୍ରିତ କମିଟି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ମହିଳା ସଶକ୍ତିକରଣ 'ତାରା' ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସମବାୟ ପରିଚାଳନା ପ୍ରତିଷ୍ଠାନ ଗୋପାଳପୁର ଓ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ମିଳିତ ଆନୁକୁଲ୍ୟରେ ଆୟୋଜିତ ଶିବିରରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ସାନଖେମୁଣ୍ଡି ବ୍ଲକ ଅଧିନ ସମବାୟ ସଂସ୍ଥା ସହ ଜଡ଼ିତ ୧୦୫ଟି ମହିଳା ସ୍ୱୟଂ ସହାୟିକା ଏବଂ ଯୁଗ୍ମ ଦେୟ ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଭିନ୍ନ ପ୍ରକାର ବ୍ୟବସାୟିକ କାର୍ଯ୍ୟକ୍ରମ କରି କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସମବାୟ ସମୂହ ଉପନିବନ୍ଧକ ବିଶ୍ୱ ରଞ୍ଜନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ସମବାୟ ଶିକ୍ଷା କମିଟି ସଦସ୍ୟ ତଥା ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର ନିର୍ଦ୍ଦେଶକ ସନାତନ ସଂଗ୍ରାମ ସିଂହ, ସମବାୟ ପରିଚାଳନା ପ୍ରତିଷ୍ଠାନର ଅଧକ୍ଷ ତଥା ବ୍ରହ୍ମପୁର ସମବାୟ ସହକାରୀ ନିବନ୍ଧକ ଶିବପ୍ରସାଦ ସ୍ୱାଇଁ ଯୋଗଦେଇ ମହିଳା ସ୍ୱୟଂ ସହାୟିକା ଓ ଯୁଗ୍ମ ଦେୟ ଗୋଷ୍ଠୀର ସଶକ୍ତିକରଣ ସହ ସେମାନଙ୍କ ଆର୍ଥିକ ଉନ୍ନତି ସମବାୟ ସମିତି କାର୍ଯ୍ୟକ୍ରମ ଦ୍ୱାରା ତ୍ୱରାନ୍ୱିତ ହୋଇପାରିବ ବୋଲି ସେମାନଙ୍କୁ ସଚେତନ କରାଇଥିଲେ। ମହିଳା ଚାଷୀ ରଶ୍ମିତା ଷଡ଼ଙ୍ଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସମବାୟ ପରିଚାଳନା ପ୍ରତିଷ୍ଠାନର ଅଧାପକ ଡି. କ୍ରିଷ୍ଣା ନନ୍ଦ, ସାନଖେମୁଣ୍ଡି ବ୍ଲକ ଭାରପ୍ରାପ୍ତ ସିଡିପିଓ ସରୋଜିନୀ ବେହେରା, ବ୍ଲକ ପ୍ରକଳ୍ପ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକଙ୍କ ସମେତ ବିଭିନ୍ନ ସମବାୟ ସମିତି ସମ୍ପାଦକ ଉପସ୍ଥିତ ଥିଲେ। ଶେଷରେ ବ୍ରହ୍ମପୁର ଉପ ସହକାରୀ ନିବନ୍ଧକ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ସଭାରେ ବ୍ରହ୍ମପୁର ଉପଜିଲାପାଳଙ୍କ ଉଦ୍‌ବୋଧନ।

# ଯୁବକଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୫।୨(ଡି.ଏନ.ଏ)**

ଭଞ୍ଜନଗର ଥାନା କୁରୁମପଢ଼ାଳର ସୁଦର୍ଶନ ବେହେରା (୧୯) ମଙ୍ଗଳବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବୁଧବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍‌ପିଟାଲକୁ ପଠାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ମଙ୍ଗଳବାର ସୁଦର୍ଶନ ଘରକୁ ଫେରିବାରେ ବିଳମ୍ବ କରିଥିଲେ। ତେଣୁ ପରିବାର ଲୋକେ ବିରକ୍ତ ପ୍ରକାଶ କରିଥିଲେ। ଏହାପରେ ସୁଦର୍ଶନ ଘରୁ ଚାଲି ଯାଇଥିଲେ। ସକାଳେ ଗ୍ରାମ ନିକଟ ଏକ କାକପୋଇ ଗଛରେ ସୁଦର୍ଶନଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ।

# ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା


ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଗଞ୍ଜାମ,୫।୨(ଡି.ଏନ.ଏ.)**

ଗଞ୍ଜାମ ବ୍ଲକର ନାଟ୍ୟ ନିର୍ଦ୍ଦେଶକ ଡ. ଗୌରୀଶଙ୍କର ଶତପଥୀଙ୍କୁ ବୁଧବାର ଗଞ୍ଜାମ ସାଂସ୍କୃତିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ମଞ୍ଚ ପକ୍ଷରୁ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ତାଙ୍କ ନିର୍ଦ୍ଦେଶନାରେ'ସାମାଜିକ ନାଟକ 'ରାମ ବନବାସ କାହାଣୀ ଶେଷ' ମଞ୍ଚସ୍ଥ ହୋଇଥିଲା। ଏଥିରେ ସଫଳ ନିର୍ଦ୍ଦେଶକ ଭାବେ ଶତପଥୀଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ଏହି ସମ୍ବର୍ଦ୍ଧନା ସଭାରେ ସାଂସ୍କୃତିକ ମଞ୍ଚ ମ୍ୟାନେଜର ଗୋବିନ୍ଦ ରେଡ୍ଡି, ଉପଦେଷ୍ଟା ଗୌରୀ ଶଙ୍କର ବାରିକି, ପୂର୍ବତନ ଏମପି ପ୍ରତିନିଧି ସୁଧିର କୁମାର ପାଢ଼ୀ, କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା, ପ୍ରେସ କ୍ଲବ ସଭାପତି ଶବର ତରାଇ, ହାଇସ୍କୁଲ କ୍ଲର୍କ ହରି ବାରିକି, ଅକ୍ଷୟ ସ୍ୱାଇଁ, ଶ୍ରୀକାନ୍ତ ତରାଇ, ମନୋଜ ପ୍ରଧାନ, ପପୁ ପଣ୍ଡା, କାର୍ତ୍ତିକ ତରାଇ, ପ୍ରଫୁଲ କୁମାର ସାହୁ, ପ୍ରିତମ ମାହାନ୍ତି, ଅରୁଣ ।ଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା ନେଇ ବୈଠକ

**ଶେରଗଡ,୫।୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ତାକରଡା ଓ ପିତ୍ତଳ ଗ୍ରାମରେ ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା କରାଯିବ। ଏନେଇ ପଞ୍ଚାୟତ ସମିତିରେ ନିଷ୍ପତ୍ତି ପରେ ପଶୁ ଚିକିତ୍ସାଳୟ ଶେରଗଡ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଉଭୟ ପଞ୍ଚାୟତ ସଭାଗୃହରେ ଏକ ଜରୁରି ବୈଠକ ବସି ତାକରଡା ଓ ପିତ୍ତଳଠାରେ ଗୋଟିଏ ଲେଖାଏ ଦୁଗ୍ଧ ସମବାୟ ସମିତି ଗଠନ ନେଇ ଆଲୋଚନା ହୋଇଛି। ତାକରଡାଠାରେ ସରପଞ୍ଚ ପ୍ରତିମା କୁମାର ମହାଙ୍କୁଡ ଓ ପିତ୍ତଳଠାରେ ସରପଞ୍ଚ ରଙ୍ଗବତୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଗଜପତି ଦୁଗ୍ଧ ୟୁନିୟନ ବ୍ରହ୍ମପୁରର ପ୍ରତିନିଧି ପ୍ରମୋଦ କୁମାର ବିଷୋୟୀ, ଦୁଗ୍ଧ ସଂଗ୍ରହ ସହାୟକ ତ୍ରିଲୋଚନ ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ. ତ୍ରିନାଥ ନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ବନମାଳୀ ସାହୁ, ବ୍ଲକ ପ୍ରାଣୀ ଚିକିତ୍ସକ ଅରବିନ୍ଦ ବେହେରା ଓ ଆତ୍ମା ସଭାପତି ସମୀର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ତାକରଡାଠାରେ ଅନୁଷ୍ଠିତ ବୈଠକରେ ଆଲୋଚନା ଚାଲିଛି।

# ଦିଗପହଣ୍ଡି ପର୍ଯ୍ୟଟନସ୍ଥଳ ପରିଦର୍ଶନ କଲେ ପିଡି


ବାଙ୍କେଶ୍ୱରୀ ପୀଠରେ ପ୍ରକଳ୍ପ ନିର୍ଦ୍ଦେଶକ ଅନୁଧ୍ୟାନ କରୁଛନ୍ତି।

**ଦିଗପହଣ୍ଡି,୫।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଇଂ.ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ଦିଗପହଣ୍ଡି ବ୍ଲକ ଅଧୀନରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରିଛନ୍ତି। ଏଥିସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପୂର୍ବାହ୍ନରେ ସେ ଦିଗପହଣ୍ଡି ବ୍ଲକ ବି.ତୁରୁବୁଡ଼ି ପଞ୍ଚାୟତ କେରାଣ୍ଡିମାଳ ପର୍ବତରେ ଅବସ୍ଥାପିତ ଶକ୍ତିପୀଠ ମାଁ ନିଜ ବାଙ୍କେଶ୍ୱରୀ, କୈଠଡା ପଞ୍ଚାୟତ କମଳାପୁର ଗ୍ରାମର କାଶୀ ବିଶ୍ୱନାଥ ଓ ଖମ୍ବାରିଗାଁ ପଞ୍ଚାୟତର ପ୍ରସିଦ୍ଧ ଉଜ୍ଜଳେଶ୍ୱର ଶୈବପୀଠ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ଦିର ଗୁଡିକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ରାସ୍ତା ସଂଯୋଗୀକରଣ, ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ଉପସ୍ଥିତ ସ୍ଥାନୀୟ ବ୍ୟକ୍ତି ବିଶେଷ, ବରିଷ୍ଠ ଅଧିକାରୀ, ମନ୍ଦିର ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଗୋକର୍ଣ୍ଣପୁର ଓ ଖମ୍ବାରିଗାଁ ପଞ୍ଚାୟତରେ ଚାଲିଥିବା ନୂତନ ପାର୍କ ଓ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ ଶୀଘ୍ର ସାରିବା ପାଇଁ ଉପସ୍ଥିତ ସରକାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତରେ ଦିଗପହଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବର, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା, ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଏବଂ ଗୋକର୍ଣ୍ଣପୁର ସମବାୟ ସମିତି ସଭାପତି ଅସିତ କୁମାର ସାହୁ, ଚିତ୍ରସେନ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଘୁମୁସର ବନଖଣ୍ଡରୁ ଯିବ କାଠ

**ଭଞ୍ଜନଗର,୫।୨(ଡି.ଏନ.ଏ)**

ପୁରୀ ରଥ ଯାତ୍ରା ପାଇଁ କାଠ ଚିନ୍ତା। ନୟାଗଡ଼ ବନଖଣ୍ଡରୁ ରଥ ନିର୍ମାଣ ପାଇଁ କାଠ ଯିବା ଯୋଜନା ଥିଲା। କିନ୍ତୁ ନୟାଗଡ଼ ବନଖଣ୍ଡରେ ଧଉରା ଓ ଅସନ କାଠ ଆବଶ୍ୟକତା ଅନୁଯାୟୀ ମିଳୁନାହିଁ। ତେଣୁ ନୟାଗଡ଼ ବନଖଣ୍ଡକୁ ଲାଗିଥିବା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଧଉରା ଓ ଅସନ କାଠ ଥିବା ଜଣାପଡ଼ିଥିଲା। ନୟାଗଡ଼ ବନଖଣ୍ଡ ପକ୍ଷରୁ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀଙ୍କୁ ଏନେଇ ଅବଗତ କରାଯାଇଥିଲା। ଏହାପରେ ନୟାଗଡ଼ ଓ ଘୁମୁସର ଉତ୍ତର ବନଖଣ୍ଡ ସୀମାବର୍ତ୍ତୀ ତାରସିଂ ରେଞ୍ଜ ସାରଙ୍ଗପଟା ଜଙ୍ଗଲରେ ଉକ୍ତ କାଠ ଥିବା ଜଣାପଡ଼ିଥିଲା। ସୋମବାର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଏସିଏଫ ସୁଦର୍ଶନ ବାଦୀ, ତାରସିଂ ରେଞ୍ଜର ଆଶାଲତା ଦିଗାଲଙ୍କ ଉପସ୍ଥିତିରେ ୧୯ଟି ଧଉରା ଓ ଗୋଟିଏ ଅସନ ଗଛ ଚିହ୍ନଟ କରାଯାଇଥିଲା। ଏହାପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ ହେବାପରେ ନୟାଗଡ଼ ବନ ବିଭାଗକୁ ସୂଚନା ଦିଆଯିବ। ନୟାଗଡ଼ ବନ ବିଭାଗର ଦାୟିତ୍ୱ ହେଲା କାଠ କାଟି ପୁରୀ ନେବ। କାଠ କଟାଯିବା ସମୟରେ ଉତ୍ତର ଘୁମୁସର ବନଖଣ୍ଡର ଅଧିକାରୀମାନେ ସେଠାରେ ଉପସ୍ଥିତ ରହିବେ। କାଠ କାଟିବା ଦିନ ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ କାଠ କଟା ହେବ। ତେଣୁ ଲୋକଙ୍କ ଭିଡ଼ ହେବାର ସମ୍ଭାବନା ରହିଛି। ପ୍ରଥମଥର ପାଇଁ ଉତ୍ତର ଘୁମୁସର ବନଖଣ୍ଡରୁ ପୁରୀ ରଥ ଯାତ୍ରା ପାଇଁ କାଠ ଯାଉଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ଜଣାପଡ଼ିଛି।

**ପୁରୀ ରଥଯାତ୍ରା ପାଇଁ କାଠ ଚିନ୍ତା**

## ସଂକ୍ଷେପରେ

ସାଉଥ୍‌କୋ ମିଟର ରିଡ଼ର ସଂଘ ବୈଠକ

### ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଭଞ୍ଜନଗର,୫।୨(ଡି.ଏନ.ଏ)- ସାଉଥ୍‌କୋ ମିଟର ରିଡ଼ର ଶ୍ରମିକ ସଂଘର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମିଟର ରିଡ଼ର ଶ୍ରମିକ ସଂଘର ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କର୍ମଚାରୀମାନଙ୍କୁ ସର୍ବନିମ୍ନ ମଜୁରି ପାଇଁ ଅକ୍ଟୋବରରେ ସଂଘ ପକ୍ଷରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲା। ଏନେଇ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଉକ୍ତ ଦାବି ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

### ବାବାଜୀ ମଣ୍ଡପର ତ୍ରିନାଥ ବିଗ୍ରହ ପ୍ରତିଷ୍ଠା

ଆର.ଉଦୟଗିରି,୫।୨(ଡି.ଏନ.ଏ.)- ଆର.ଉଦୟଗିରି ଗ୍ରାମ ପଞ୍ଚାୟତ ଅଫିସ ନିକଟରେ ଥିବା ବାବାଜୀ ମଣ୍ଡପରେ ଥିବା ତ୍ରିନାଥ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ଏହା ୬ ତାରିଖରେ ଶେଷ ହେବ। ଏନେଇ ମନ୍ଦିର କମିଟିର ସଦସ୍ୟ ତତ୍ପରତା ହୋଇ ପଡିଛନ୍ତି। ବହୁ ବର୍ଷପୂର୍ବେ ଉକ୍ତ ଜାଗାରେ ଥିବା ବିଶାଳ ବଟବୃକ୍ଷ ମୂଳେ ନରୋତ୍ତମ ଦାସ ବାବାଜୀ ଅନ୍ନ ଜଳତ୍ୟାଗ କରି ଗୋଟିଏ ଗୋଡରେ ଠିଆ ରହି ଦୀର୍ଘ ଦିନ ପର୍ଯ୍ୟନ୍ତ ଧ୍ୟାନରତ ଥିଲେ ଏବଂ ଉକ୍ତ ଦିନରୁ ସେହି ମଣ୍ଡପକୁ ନରୋତ୍ତମ ଦାସ ମଣ୍ଡପ ବା ବାବାଜୀ ମଣ୍ଡପରେ ପରିଚିତ ହୋଇଛି। କାଳକ୍ରମେ ତ୍ରିନାଥ ଠାକୁରଙ୍କୁ ରଖି ପୂଜା ପାଠ କରି ତ୍ରିନାଥ ମନ୍ଦିର ନାମରେ ପରିଚିତ ହୋଇଛି। ମଣ୍ଡପରେ ତ୍ରିନାଥ ଠାକୁରଙ୍କ ପୂଜା କରି ଆସୁଥିବା ବେଳେ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହଯୋଗରେ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଉତ୍ସବ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ବହୁ ଶ୍ରଦ୍ଧାଳୁଙ୍କ ଦ୍ୱାରା ସ୍ଥାନୀୟ ସାରଳା ସାହି ନିକଟସ୍ଥ ଗୁପେଶ୍ୱର ଶିବ ମନ୍ଦିର ନିକଟ ଦୋନାଳିଆ ନଦୀରୁ ନୀତିକାନ୍ତି ସହ ପଜାପାଠ କରି ୧୦୮ କଳସ ଯାତ୍ରାର ନଗର ପରିଭ୍ରମଣ କରିଥିଲେ। ଏଥିଲାଗି ବହୁ ସାଧୁ, ସନ୍ଥ ଏବଂ ନାଗାବାବାଙ୍କ ଯୋଗ ଦେଇଛନ୍ତି। ପ୍ରତ୍ୟେକ ଦିନ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିର କମିଟି କହିଛନ୍ତି।

ଭିଡିଓ ଭାଇରାଲ, ବଳାତ୍କାର ମାମଲା

### ଜେଲ ଗଲେ ସହପାଠୀ ପ୍ରେମିକ

ଦିଗପହଣ୍ଡି,୫।୨(ଡି.ଏନ.ଏ.)- ଦିଗପହଣ୍ଡି ଥାନା ଅଧୀନ ଏକ ଗାଁର ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ଭାଇରାଲ ସହ ବଳାତ୍କାର ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି। ସେ ହେଲେ ଯୁବତୀଙ୍କ ସହପାଠୀ ପ୍ରେମିକ ବୁଲୁ ଓରଫ ରତ୍ନାକର ଗୌଡ। ଥାନା ମାମଲା ନଂ. ୨୭/୨୦ରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ବ୍ରହ୍ମପୁରର ଜଣେ ଯୁବ ବ୍ୟବସାୟୀଙ୍କ ସହ ଯୁବତୀଙ୍କ ନିର୍ବନ୍ଧ ସରିଥିଲା। ବରପକ୍ଷ ବିବାହ ପୂର୍ବରୁ ଯୁବତୀଙ୍କ ବାପାଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ସେମାନେ ଯୋଜନାବଦ୍ଧ ଭାବେ ବିବାହ ଭାଙ୍ଗିବାକୁ ଷଡ଼ଯନ୍ତ୍ର କରି ଯୁବତୀଙ୍କ ସହପାଠୀ ରତ୍ନାକରଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କ ପ୍ରରୋଚନାରେ ଅଭିଯୁକ୍ତ ରତ୍ନାକର ଯୁବତୀଙ୍କ ଘରକୁ ଯାଇ ପୂର୍ବରୁ ତାଙ୍କ ପାଖରେ ଥିବା ଫଟୋ ଭିଡ଼ିଓ ଭାଇରାଲ କରି ବିବାହ ପ୍ରସ୍ତାବ ଭାଙ୍ଗି ଦେବାକୁ ଧମକ ଦେଇ ବଳାତ୍କାର କରିଥିଲେ। ଅଭିଯୁକ୍ତ ଜଣକ ଏକ ହୋଟେଲ କରିଥିବାରୁ ସେ ଯୁବତୀଙ୍କ ବାପା କରିଥିବା ରାଶନ ଦୋକାନକୁ ଆସି ୨ ଲକ୍ଷ ଟଙ୍କାର ସାମଗ୍ରୀ ଧାର ମାଗିଥିଲେ। ସେ ମନା କରିଦେବାରୁ ରାଗ ରଖି ଯୁବତୀଙ୍କ ବିବାହ ସ୍ଥିର କରାଯାଇଥିବା ଯୁବକ ଓ ତାଙ୍କ ସମ୍ପର୍କୀୟଙ୍କ ମୋବାଇଲକୁ ଭିଡ଼ିଓ ଓ ଫଟୋ ପଠାଇ ଦେଇଥିଲେ। ପରେ ପୁଅ ଘର ପ୍ରସ୍ତାବ ଭାଙ୍ଗି ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

# ନ୍ୟାଶନାଲ ଡିଫେନ୍ସ ଏକାଡେମୀ ପ୍ରତିନିଧି ଦଳର ଗସ୍ତ

## ଗଞ୍ଜାମର ବିପର୍ଯ୍ୟୟ ମୁକାବିଲା ପରିଚାଳନାକୁ ପ୍ରଶଂସା

ଛତ୍ରପୁର,୫।୨(ଡି.ଏନ.ଏ)

ନ୍ୟାଶନାଲ ଡିଫେନ୍ସ ଏକାଡେମୀର ଭାରତ, ଉଗାଣ୍ଡା, ନେପାଳର ୧୪ ଜଣିଆ ପ୍ରତିନିଧି ଦଳ ବୁଧବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ଏହି ପ୍ରତିନିଧି ଦଳ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ବିପର୍ଯ୍ୟୟ ମୁକାବିଲା ପରିଚାଳନା ଉପରେ ଆଲୋଚନା କରିଥିଲେ। ବିପର୍ଯ୍ୟୟ ମୁକାବିଲା ପରିଚାଳନାରେ ଗଞ୍ଜାମ ଜିଲା ଓ ଓଡିଶା ସରକାର ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ବିପର୍ଯ୍ୟୟ ବେଳେ ଜିରୋ କାଜୁଆଲଟି ଲକ୍ଷ୍ୟ ରଖାଯାଉଛି। ଏଥିରେ ସଫଳତା ମିଳୁଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଗଞ୍ଜାମର ବିପର୍ଯ୍ୟୟ ମୁକାବିଲା ପରିଚାଳନାକୁ ଉକ୍ତ ପ୍ରତିନିଧିଦଳ ପ୍ରଶଂସା କରିଥିଲେ । ପ୍ରତିନିଧି ଦଳରେ ଏମ୍. ଏସ୍. ଆନିଶ ଜୋଶେଫ୍ ଚାନ୍ଦ୍ରା (ଆଇଆରଏସ), ବ୍ରିଙ୍ଗ ସମାର୍ଥ ନାଗରା, କମାଣ୍ଡାଣ୍ଟ ରଜତ ପାକୁର,



ଜିଲାପାଳଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

କ୍ୟାପଟେନ୍ ୟୁବିଲେସ୍ କୋରେ (ଫ୍ରାନ୍ସ ନେଭି), ଏୟାର କମାଣ୍ଡାଣ୍ଟ ବିଏମ୍ ରେଡ୍ଡୀ, ଜାମି ଲାମେନା ପ୍ରମୁଖ ଆସିଥିଲେ । ଏମାନେ ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ନୂଆପଲ୍ଲୀ ଗ୍ରାମରେ ଉଦ୍ୟାନ ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ହୋଇଥିବା ଗୋଲାପ ଚାଷ, କଣମଣା ପଞ୍ଚାୟତର ଟାକରିଆ ବ୍ରହ୍ମପୁରରେ ଥିବା କଲ୍ୟାଣ ମଣ୍ଡପ, କାଳିପଲ୍ଲୀର ସିଲେଇ ସେଣ୍ଟର, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ ଗୃହ ଓ ଛତ୍ରପୁର ଷ୍ଟାଡିୟମ ଆଦି ବୁଲି ଦେଖିଥିଲେ । ଡିଆରଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଗଞ୍ଜାମ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଗୋପାଳପୁର,୫।୨

ଗୋପାଳପୁର ଥାନା ମାଣ୍ଡିଆପଲ୍ଲୀ ଗ୍ରାମରୁ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ମୃତଦେହ ବୁଧବାର ମଧ୍ୟାହ୍ନରେ ପୋଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ସେ ହେଲେ ସଦାନନ୍ଦ ପଣ୍ଡା (୩୯)। ପୋଲିସ କହିବାନୁସାରେ, କଟକ ଜିଲାର ନରସିଂହପୁର ଗ୍ରାମର ସଦାନନ୍ଦ ପଣ୍ଡା (୩୯) ବାୟୁସେନାରେ ଅକ୍ଟୋବର ୨୦୧୯ରେ ଅବସର ନେବା ପରେ ମାଣ୍ଡିଆପଲ୍ଲୀ ଗୌଡ଼ସାହିରେ ପରିବାର ସହ ରହୁଥିଲେ। ସ୍ତ୍ରୀଙ୍କ ସହ ବିଭିନ୍ନ ସମୟରେ ତାଙ୍କର ମତାନ୍ତର ରହୁଥିଲା। ଗତ ୨ ତାରିଖରେ କୌଣସି ବିଷୟକୁ ନେଇ ସ୍ତ୍ରୀଙ୍କ ସହ ସଦାନନ୍ଦଙ୍କ ଝଗଡ଼ା ହୋଇଥିଲା। ଏଥିପାଇଁ ତାଙ୍କ ସ୍ତ୍ରୀ ରାଗିଯାଇ ମା’ଘର ସତ୍ୟନାରାୟଣପୁରକୁ ଚାଲି ଯାଇଥିଲେ। ସେହିଦିନ ସଦାନନ୍ଦ ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା ହେବା ପରେ ଘରର କବାଟ ବନ୍ଦ କରି ରହିଥିଲେ। ୩ ଦିନ ପର୍ଯ୍ୟନ୍ତ ସେହି ଘରର କବାଟ ଖୋଲୁ ନ ଥିବା ବେଳେ ଦୁର୍ଗନ୍ଧ ବାହାରୁଥିବା ପଡ଼ୋଶୀ ଜାଣି ଗୋପାଳପୁର ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଦେଖିଲା ବେଳେ ଏକ ଶାଢ଼ୀରେ ସଦାନନ୍ଦଙ୍କ ମୃତହେଦ ଫ୍ୟାନ୍‌ରେ ଝୁଲୁଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଛି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ କହିଛନ୍ତି।

# ଦ୍ୱିତୀୟ ର୍‍ୟାଙ୍କରେ ଛତ୍ରପୁରର ସାଗର



ଜିପାଟ୍-୨୦୨୦ ଟେଷ୍ଟ ପରୀକ୍ଷା

ସମ୍ବର୍ଦ୍ଧିତ କରାଯାଉଛି ।

ଛତ୍ରପୁର,୫।୨(ଡି.ଏନ୍.ଏ.)

ଜାତୀୟ ଟେଷ୍ଟିଂ ସଂସ୍ଥା ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଜିପାଟ୍-୨୦୨୦ (ଗ୍ରାଜୁଏଟ୍ ଫାର୍ମାସୀ ଆପଟିଚ୍ୟୁଟ୍ ଟେଷ୍ଟ) ପରୀକ୍ଷାରେ ଛତ୍ରପୁରର ସାଗର କୁମାର ସୁବୁଦ୍ଧି ଜାତୀୟ ସ୍ତରରେ ଦ୍ୱିତୀୟ ର୍‍ୟାଙ୍କ୍‌ରେ ରହିଛନ୍ତି। ଛତ୍ରପୁର କୋର୍ଟ ଷ୍ଟେଶନ ସାହିର ସୁରେନ୍ଦ୍ରନାଥ ସୁବୁଦ୍ଧି ଓ ଅନପୂର୍ଣ୍ଣା ସୁବୁଦ୍ଧିଙ୍କ ପୁଅ ସାଗର ଏବେ ବି-ଫାର୍ମାର ଶେଷବର୍ଷ ଛାତ୍ର । ସେ ୨ ବର୍ଷ ପାଇଁ ଏମ୍-ଫାର୍ମା ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସଫଳତା ପାଇଁ ସାଗର ନିଜ ଶିକ୍ଷକ ଏବଂ ମା’ ବାପାଙ୍କୁ ଶ୍ରେୟ ଦେଇଛନ୍ତି। ନୂଆ ରୋଗଗୁଡିକ ପାଇଁ କିଭଳି ଔଷଧ ବାହାରି ପାରିବ ସେ ସମ୍ପର୍କରେ ରିସର୍ଚ୍ଚ କରିବାକୁ ସାଗର ଲକ୍ଷ୍ୟ ରଖିଥିବା କହିଛନ୍ତି। ବୁଧବାର ସନ୍ଧ୍ୟାରେ ସାଗର ଏବଂ ତାଙ୍କ ମା’ବାପାଙ୍କୁ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ୍ ଠାରେ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟସ୍ତରୀୟ ପରୀକ୍ଷାରେ ଦ୍ୱିତୀୟ ସ୍ଥାନରେ ରହି କେବଳ ଛତ୍ରପୁର ନୁହେଁ ଓଡିଶା ପାଇଁ ସାଗର ଗୌରବ ଆଣିଛନ୍ତି ବୋଲି ରିଡିଂ ରୁମ୍‌ର ସମ୍ପାଦକ ତଥା ଓକିଲ ବି. ଶ୍ରୀନିବାସ କହିଥିଲେ।

# ପୁରୁଷୋତ୍ତମପୁର ରୋଗୀ କଲ୍ୟାଣ ସମିତି ବୈଠକ

ପୁରୁଷୋତ୍ତମପୁର,୫।୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ହୃଷୀକେଶ ମହନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇଥିଲେ। ଭାଟକୁମରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବି.କ୍ରିଷ୍ଣା, ଡା.ପ୍ରଭାତ କୁମାର ଦାଶ, ଡା ଅସ୍ମିତା ପାତ୍ର, ବିପିଏମ ରାଧାକୃଷ୍ଣ ସାବତ, ରୋଗୀ କଲ୍ୟାଣ ସମିତିର ସଭ୍ୟ ପ୍ରଭାତ କୁମାର ପଟ୍ଟନାୟକ, ସୀମାଞ୍ଚଳ



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ମିଶ୍ର, ଏନ୍‌ଏସି ନିର୍ବାହୀ ନାଗେଶ୍ୱର ରାଓ, ଅଙ୍ଗନୱାଡି ସୁପରଭାଇଜର ଇନ୍ଦିରା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରୁଣା ଆମ୍ବୁଲାନସକୁ ମର୍ଚ୍ଚୁରି ଭେନ (ଶବବହାକ ଗାଡି) କରିବା ଲାଗି ଜିଲାପାଳଙ୍କଠାରୁ ଅନୁମତି ମିଳିବାରେ ଅହେତୁକ ବିଳମ୍ବକୁ ନେଇ ଗାଡିଟି କାର୍ଯ୍ୟକ୍ଷମ ହୋଇ ନ ପାରି ଲୋକେ ହଇରାଣ ହେଉଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାସହ ପରିମଳ, ନୂତନ କୋଠା ନିର୍ମାଣ, ପାନୀୟ ଜଳଯୋଗାଣ, ରୋଗୀଙ୍କ ପ୍ରତିକ୍ଷାଳୟର ବ୍ୟବସ୍ଥା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରାଯାଇଥିଲା। ଏହାକୁ କର୍ମଚାରୀ ଅନିତା ପଟ୍ଟନାୟକ ପରିଚାଳନା କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା, ବିଧାୟିକା କ୍ଷୁବ୍ଧ

କୋଦଳା,୫।୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମଙ୍ଗଳବାର ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଦିଗାପଡା ପଞ୍ଚାୟତକୁ ଆସି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ବୁଲି ଦେଖିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ। ଧନଞ୍ଜୟପୁରରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣରେ ବିଳମ୍ବକୁ ନେଇ ବିଧାୟିକା ବିରକ୍ତି ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟ ସାରିବାକୁ ଫୋନ ଯୋଗେ କହିଥିଲେ। ପରେ ପୂର୍ବାହ୍ନ ପ୍ରାୟ ୯ଟା ୫୦ରେ ସେହି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନଂ.୧କୁ ଯାଇଥିବା ବେଳେ ସେଠାରେ ତାଲା ଝୁଲିଥିବା ଦେଖି କ୍ଷୁବ୍ଧ ହୋଇଥିଲେ। କିଛି ସମୟ ଅପେକ୍ଷା ପରେ ଉକ୍ତ କେନ୍ଦ୍ରର ସହାୟିକା ପହଞ୍ଚିଥିଲେ। କେନ୍ଦ୍ରରେ ପିଲା ନଥିବା ସମ୍ପର୍କରେ ତାଙ୍କୁ ପଚାରାଯିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ସିଡିପିଓ, ଡିଏସଡବ୍ଲୁଙ୍କୁ ପଚାରି ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟିକା କହିଥିଲେ। ଏ ନେଇ ବେଗୁନିଆପଡା ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ବିଧାୟିକାଙ୍କଠାରୁ ଅଭିଯୋଗ ପାଇବା ପରେ ସେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ବୀଣାପାଣି ମିଶ୍ରଙ୍କୁ ସ୍ପଷ୍ଟୀକରଣ ମାଗିଥିବା କହିଛନ୍ତି। ଡିଏସଡବ୍ଲୁ ଉକ୍ତ କର୍ମୀଙ୍କ ଫାଇଲ ମାଗିଛନ୍ତି। ସ୍ପଷ୍ଟୀକରଣ ମିଳିବା ପରେ ସେ ଫାଇଲ ପହଞ୍ଚାଇବେ ବୋଲି କହିଥିଲେ। ବିଧାୟିକାଙ୍କ ଗସ୍ତ ବେଳେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, କୋଦଳା ନଗର ବିଜେଡି ସଭାପତି ସଞ୍ଜୀବ କୁମାର ସାହୁ ଓ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଇତିହାସ ବିଭାଗର ପାଠଚକ୍ର

ଭଞ୍ଜନଗର,୫।୨(ଡି.ଏନ.ଏ.)

ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇତିହାସ ବିଭାଗ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ମିଶ୍ର ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀ ଜ୍ଞାନଦୀପା ପାଢ଼ୀ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ବିନୋଦ ଦାସ, ରବୀନ୍ଦ୍ରନାଥ ପାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ





ଅତିଥିମାନେ ସନ୍ଦର୍ଭ ଉନ୍ମୋଚନ କରୁଛନ୍ତି।

ଅର୍ପଣ କରିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷବର୍ଷ ସମ୍ମାନ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି ସାବିତ୍ରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ମଧ୍ୟ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶାନ୍ତି କୁମାରୀ ଉପାଧ୍ୟାୟ ପାଠଚକ୍ରରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ଅଧ୍ୟାପିକା ସୁପ୍ରଭା ବେହେରା ସଭା ସଂଯୋଜନା କରିଥିଲେ।

# ଗ୍ୟାସ୍ ସିଲିଣ୍ଡର ଫାଟି ୩ ଗୁରୁତର

ଚିକିଟି,୫।୨(ଡି.ଏନ୍.ଏ.)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଜାନକୀ ମଣିପୁର ଶାସନରେ ବୁଧବାର ରାତି ସାଢ଼େ ୯ଟାରେ ଗ୍ୟାସ୍ ସିଲିଣ୍ଡର ଫାଟି ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନିରଞ୍ଜନ ପାଢ଼ୀ, ତାଙ୍କ ସ୍ତ୍ରୀ ସୁନନ୍ଦା, ପୁଅ ଅଜିତ। ପଡ଼ୋଶୀ ସାଇବାଣୀ ପ୍ରଧାନ, ଦଣ୍ଡାସୀ ପ୍ରଧାନ ଆହତ ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ନିରଞ୍ଜନ, ସୁନନ୍ଦା ଓ ଅଜିତଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରାତିରେ ସୁନନ୍ଦା ରୋଷେଇ କରୁଥିବା ବେଳେ ହଠାତ୍ ସିଲିଣ୍ଡର ଫାଟିଯାଇଥିଲା। ଫଳରେ ନିଆଁ ଲାଗି ରୋଷେଇ ଘରର କବାଟ ବାହାରି ଦାଣ୍ଡରେ ବସିଥିବା ପଡ଼ୋଶୀ ସାଇବାଣୀ ଓ ଦଣ୍ଡାସୀଙ୍କୁ ବାଜିଥିଲା। ଖବରପାଇ ଚିକିଟି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଦୁର୍ଘଟଣାରୁ ବର୍ତ୍ତିଲା ବସ୍, ୫୦ ପର୍ଯ୍ୟଟକ ସୁରକ୍ଷିତ

ଦାରିଙ୍ଗବାଡ଼ି/ ସୋରଡା, ୫।୨(ଡି.ଏନ.ଏ.)

କନ୍ଧମାଳ-ଗଞ୍ଜାମ ସୀମାବର୍ତ୍ତୀ ଗାଜଲବାଡ଼ି ୯ ନଂ.ଘାଟି ବୁଲାଣୀ ରାସ୍ତାରେ ବୁଧବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଛି ଏକ ଘରୋଇ ବସ୍। ୫୦ପର୍ଯ୍ୟଟକଙ୍କୁ ନେଇ ଏହି ବସ୍ ଦାରିଙ୍ଗବାଡିରୁ ଭୁବନେଶ୍ୱର ଫେରୁଥିଲା। ସୂଚନାପ୍ରକାରେ, ଭୁବନେଶ୍ୱରରୁ ଏକ ଘରୋଇ ବସ୍ ନଂ(ଓଡି୦୨-ବିଜି-୪୪୧୧) ନେଇ ପ୍ରାୟ ୫୦ ଜଣ ଯାତ୍ରୀ ଦାରିଙ୍ଗବାଡ଼ିକୁ ବୁଲିବାକୁ ବୁଧବାର ଆସିଥିଲେ। ବୁଲାବୁଲି କରି ସନ୍ଧ୍ୟାରେ ଭୁବନେଶ୍ୱର ଫେରୁଥିଲେ। ଦାରିଙ୍ଗବାଡ଼ିରୁ ପ୍ରାୟ ୧୭ କି.ମି. ଯିବା ପରେ ଗାଜଲବାଡ଼ି ଘାଟିର ୯ ନଂ ବୁଲାଣୀରେ ଚାଳକ ବସ୍‌ଟିକୁ ବୁଲାଇ ପାରି ନ ଥିଲେ। ଫଳରେ ଗାଡ଼ିଟି ଘାଟି ତଳକୁ ଖସିବା ସହ ଅଧା ରାସ୍ତା ଉପରେ ସମ୍ମୁଖ ଭାଗ ଝୁଲି ରହିଯାଇଥିଲା। ଏଥିରେ କେତେକ ପର୍ଯ୍ୟଟକ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗ ଏବଂ ସୋରଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲେ। ସୋରଡ଼ା ଆଇଆଇସି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ରବିବାର ମଧ୍ୟ ଏକ ଟ୍ରକ୍ ଗାର୍ଡ଼ ୱାଲ ନ ଥିବାରୁ ଘାଟି ତଳକୁ ଖସିବାରୁ ଅଳ୍ପକେ ରକ୍ଷା ପାଇଥିଲା। ଗାର୍ଡ଼ ୱାଲ୍ ନିର୍ମାଣରେ ବିଳମ୍ବ ଯୋଗୁ ଉକ୍ତ ଘାଟିରାସ୍ତାରେ ଦୁର୍ଘଟଣା ବଢୁଛି।

# ଏନ୍‌ସିସି ଅଫିସରଙ୍କୁ ସ୍ୱାଗତ



ଭଞ୍ଜନଗର,୫।୨(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ଅଫିସର ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ରଜନୀକାନ୍ତ ତ୍ରିପାଠୀ ନାଗପୁରରେ ୩ମାସ ତାଲିମ ନେବାପରେ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କଲେଜ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନି ବୈଠକରେ ଅଧ୍ୟକ୍ଷତା କରି ଏନ୍‌ସିସି ଶାଖା କଲେଜର ଗୌରବ ବୋଲି କହିଥିଲେ। ପ୍ରତିବର୍ଷ ଏକାଧିକ ଏନ୍‌ସିସି ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ତ୍ରିପାଠୀ ଜଣେ ଯୁବ ଅଧ୍ୟାପକ ହୋଇଥିବାବେଳେ ଆଗାମୀ ଦିନରେ ଏନ୍‌ସିସିକୁ ଆଗକୁ ନେବାରେ ସକ୍ଷମ ହେବେ ବୋଲି ଅଧ୍ୟକ୍ଷ ମୁନି ଆଶାବ୍ୟକ୍ତ କରିଥିଲେ। ତାଲିମ ସମୟରେ ଯେଉଁ ଜ୍ଞାନ ଆହରଣ କରିଛି ତାହା ଛାତ୍ରୀଛାତ୍ରଙ୍କ ବିକାଶ କ୍ଷେତ୍ରରେ ଲଗାଇବି ବୋଲି ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ତ୍ରିପାଠୀ କହିଥିଲେ। ଅଧ୍ୟାପକ ରବୀନ୍ଦ୍ର ନାଥ ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅଧ୍ୟାପକ ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ସିସି ଛାତ୍ରୀଛାତ୍ର ତ୍ରିପାଠୀଙ୍କୁ ସ୍ୱାଗତ କରିଥିଲେ।

# ଖତ ଖାଉଛି ଲକ୍ଷାଧିକ ଟଙ୍କାର ପାଟ୍ରୋଲିଂ ବୋଟ

ଗଞ୍ଜାମ,୫।୨(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ମା’ ଗଙ୍ଗାଦେବୀ ସ୍ଥିତ ଋଷିକୂଲ୍ୟା ବେଳାଭୂମିଠାରେ ବିଭାଗ ପକ୍ଷରୁ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ତିନୋଟି ସ୍ପିଡ଼ ପାଟ୍ରୋଲିଂ ବୋଟ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତାହା ଏବେ କୌଣସି କାମରେ ଆସୁନଥିବା ଜଣାପଡିଛି। କଇଁଛଙ୍କ ମିଳନ ଓ ଗଣ ଅଣ୍ଡାଦାନ ସମୟରେ ବାଧା ନ ଉପୁଜିବା ଲାଗି ବନ ବିଭାଗ ତରଫରୁ ଏହି ବୋଟରେ ସମୁଦ୍ରରେ ପାଟ୍ରୋଲିଂ କରାଯାଇଥାଏ। ଏହି ସମୟରେ ବନ ବିଭାଗ ପକ୍ଷରୁ ସମୁଦ୍ର ମଧ୍ୟରେ ମାଛ ନ ଧରିବା ପାଇଁ ୫ କିମି ପରିଧି ପର୍ଯ୍ୟନ୍ତ ନିଷିଦ୍ଧ ଅଞ୍ଚଳ ଭାବେ ଘୋଷଣ କରାଯାଇଛି। ବିଭିନ୍ନ ରାଜ୍ୟରୁ ବିଶେଷଜ୍ଞ ଓ ଉଚ୍ଚ ପଦାଧିକାରୀ ମାନେ ରହିବା



ଖତ ଖାଉଛି ପାଟ୍ରୋଲିଂ ବୋଟ।

ପାଇଁ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଗେଷ୍ଟ ହାଉସ ନିର୍ମାଣ କରାଯାଇଛି। ବିଶେଷଜ୍ଞ ମାନେ ଏଠାରେ ରହି ସମୁଦ୍ର ଭିତରକୁ ବୋଟରେ ଯାଇ କଇଁଛଙ୍କ ଗତିବିଧି ଅନୁଧ୍ୟାନ କରିଥାନ୍ତି। ବର୍ତ୍ତମାନ ଏହି ବୋଟ କୌଣସି କାମରେ ନ ଆସି ଭାଙ୍ଗିରୁଜି ଯାଇଛି। ଏ ସମ୍ପର୍କରେ ଖଲ୍ଲିକୋଟ ରେଞ୍ଜର ଦିଲୀପ ମାର୍ଥାଙ୍କୁ ପଚାରିବାରୁ ବୋଟ ଖରାପ ହେବା ପରେ ଅନ୍ୟ ବିକଳ୍ପ ବ୍ୟବସ୍ଥା କରାଯାଇଛ ଏବଂ ବୋଟ ଗୁଡିକ ମରାମତି ପାଇଁ ଜିଲା ବନଖଣ୍ଡକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।

